ବର୍ଷ-୨୫, ସଂଖ୍ୟା-୩୧୧
ଭୁବନେଶ୍ୱର
୨୩, ନଭେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 311
Bhubaneswar
23, November, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସିଲିକନ ସେମିକଣ୍ଡକ୍ଟର ହବ ହେବ ଓଡ଼ିଶା



**ଭୁବନେଶ୍ୱର,୨୨।୧୧(ମହାଭାରତ):** ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧ ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢୋକ୍ତି ପ୍ରକାଶ କରିବା ସହିତ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଶନିବାର ପାଳିତ ଓଡିଶା ରାଜ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରିବା ସହିତ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ୍ ସେମିକଣ୍ଡକ୍ଟର୍ ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ। ଏହା ଆମ ଅର୍ଥନୀତିକୁ ସୁଦୃଢ କରିବ ଏବଂ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ। ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ବୃକ୍ଷଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତୀ ପିଢୀ ପାଇଁ ଏକ ସୁନ୍ଦର ପୃଥିବୀ ଛାଡିଯିବା ଆଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହିତ ତାର କାର୍ଯ୍ୟାନ୍ୱୟନ ଆମର ପ୍ରାଥମିକତା ରହିଛି ବୋଲି ଉପସ୍ଥିତ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ସେ କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା : ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଅଥବା ଓଡିଶାରେ ଉତ୍ପାଦିତ ଶ୍ରୀଅନ୍ନ ବିସ୍ତୃତ ଖାଦ୍ୟ ବିଶ୍ୱ ବଜାର ସୁବିଧା ଉପଲବ୍ଧ କରିବାକୁ ନିକଟ ଅତୀତରେ ଅନ୍ତର୍ଜାତୀୟ ମିଲେଟ କନଭେନସନ ଆୟୋଜନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି। ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଥିଲେ। ଏଥିସହିତ, ମୁଖ୍ୟମନ୍ତ୍ରୀ ଓଡ଼ିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡ଼ିଶାକୁ ଆତ୍ମନିର୍ଭର ଓଡ଼ିଶାରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଦିବସ ଅବସରରେ, ଭୁବନେଶ୍ୱର ନୁପୁର ଅନୁଷ୍ଠାନରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ, ଦିଗପହଣ୍ଡି (ଗଞ୍ଜାମ)ର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ତରଫରୁ ପଶୁମୁଖା ନୃତ୍ୟ, ସୁବର୍ଣ୍ଣପୁର ସ୍ଥିତ ରୁମକୁଝୁମାର କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ, କନ୍ଧମାଳ ଜିଲ୍ଲାର ନୂତନ କଳା ସଂସଦର ଶିଙ୍ଘନୃତ୍ୟ ଏବଂ କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ, ସାଂସଦ ପ୍ରତାପ ଷଡଙ୍ଗୀ, ନିରଞ୍ଜନ ବିଶି, ସୁଜିତ କୁମାର, ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀମତୀ ସାବିତ୍ରୀ ରଥ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ, ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ଶ୍ରୀମତୀ ରିତୁ ଅରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯାଜପୁରରୁ ସିକନ୍ଦର ଆଲାମ ଗିରଫ

**ଜଗତସିଂହପୁର,୨୨।୧୧ (ମହାଭାରତ):** ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ଓ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ କରି ଫେରାର ହୋଇ ଯାଇଥିବା କୁଖ୍ୟାତ ସିକନ୍ଦର ଆଲାମ୍ ଓରଫ୍ ସିକୋକୁ ଗିରଫ କରିଛି ଜଗତସିଂହପୁର ପୁଲିସର ସ୍ୱତନ୍ତ୍ର ଟିମ। ଦୀର୍ଘ ୬ ଦିନର ଲୁଚକାଳି ଖେଳ ପରେ ସିକନ୍ଦରକୁ ସ୍ୱତନ୍ତ୍ର ପୁଲିସ ଟିମ୍ ଗତକାଲି ବିଳମ୍ବିତ ରାତିରେ ଯାଜପୁର ଅଳକୁଣ୍ଡ ଅଞ୍ଚଳରୁ ଉଠାଇ ଆଣିଛି। ସିକନ୍ଦରକୁ ଏକ ଅଜଣା ସ୍ଥାନରେ ରଖି ପୁଲିସ ଜେରା ଚଳାଇଛି। ତା ଠାରୁ ମୋବାଇଲ ଫୋନ, ପାସପୋର୍ଟ ଓ ବହୁ ମାରଣାସ୍ତ୍ରକୁ ଜବତ କରିଛି ପୁଲିସ। ସିକନ୍ଦର ଭାଇ ମୋତାଲିଫଙ୍କୁ ପୁଲିସ ଖୋର୍ଦ୍ଧାରୁ ଗିରଫ କରିଛି। ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଗତ ୧୬ ତାରିଖ ସନ୍ଧ୍ୟାରେ ପୁଲିସ ତାର ଧନୀପୁର ବେହେରାମପୁର ଘରେ ଚଢ଼ଉ କରିଥିଲା। ସରକାରୀ ଜମିରେ ଭଡ଼ା ଘର ତିଆରି କରି ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ନେଇ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ସିକନ୍ଦର ଓ ତା ଭାଇ ମୋତିଲାଫ୍ ପୁଲିସକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ତା'ର ଦୁଇ ଭଉଣୀଙ୍କୁ ପୁଲିସ ଗିରଫ କରିଥିଲା। ସେହିପରି ବାଂଲାଦେଶୀଙ୍କୁ ଆଶ୍ରୟ ଦେବା, ଗୋଟି ଖଟାଇବା ଆଦି ଦଫାରେ ମାମଲା ରୁଜୁ ହୋଇଥିଲା। ଦୁଇଟି ସ୍ୱତନ୍ତ୍ର ଟିମ୍ ସିକନ୍ଦରକୁ ଖୋଜୁଥିଲେ।

ଗତ ୧୬ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ବେହେରାମପୁରରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଖବର ପାଇ ଚଢ଼ଉ କରିଥିଲା ପୁଲିସ। ଅତିରିକ୍ତ ଏସ୍‌ପି, ତରିକୁନ୍ଦ ବିଟ୍ ହାଉସ୍ ଅଧିକାରୀ ଓ ମହିଳା କନଷ୍ଟେବଳଙ୍କ



ସମେତ ୫ ଜଣ ସାମିଲ ହୋଇଥିଲେ। ଚଢ଼ଉ କରିବା ମାତ୍ରେ ସିକନ୍ଦରର ଦୁଇ ଭଉଣୀ ପୁଲିସକୁ ଆକ୍ରମଣ କରିଥିଲେ। ଏହାର ସୁଯୋଗ ନେଇ ସିକନ୍ଦର ଓ ତା ଭାଇ ମୋତାଲିଫ୍ ଫେରାର ହୋଇ ଯାଇଥିଲେ। ଗଲା ବେଳେ ସିକନ୍ଦର ସାଙ୍ଗରେ ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ନେଇ ପଳାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେବାରୁ ଅଧିକ ଫୋର୍ସ ମଗାଯାଇଥିଲା। ଅଧିକାରୀମାନେ ପହଞ୍ଚିଥିଲେ। ସେତେବେଳକୁ ପ୍ରାୟ ଘଣ୍ଟାଏରୁ ଦେଢ଼ ଘଣ୍ଟା ହୋଇ ଯାଇଥିଲା। ତୁରନ୍ତ ସିକନ୍ଦର ପିଛା କରାଯାଇ ପାରିନଥିଲା ପୋଲିସ୍।

## ୪ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର,୨୨।୧୧ (ମହାଭାରତ):** ନଭେମ୍ବର ୨୨ ତାରିଖରେ ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପକ୍ଷେତ୍ର ସୃଷ୍ଟି ହୋଇଛି। ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର - ପଶ୍ଚିମ ଦିଗକୁ ଗତି କରିବା ସହ ୨୪ ତାରିଖରେ ଆହୁରି ଘନୀଭୂତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୪୮ ଘଣ୍ଟାରେ ଏହା ଅବପାତର ରୂପ ନେବ। ଏହା ବାତ୍ୟାରେ ପରିଣତ ହେବ ଏବଂ ତାହା ଓଡ଼ିଶାରେ ମାଡ଼ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମାଲାକ୍କାରେ ଆଜି ଏକ ଦୁର୍ବଳ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ୨୪ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଅବପାତ ରୂପ ନେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ସେହି ୨୪ ତାରିଖରେ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଏବଂ ୨୬ରେ ବାତ୍ୟାରେ ପରିଣତ ହେବ।

## ବାଲି ପାଇଁ ଲାଗୁ ହେବ ଏମଏସପି

**ଭୁବନେଶ୍ୱର,୨୨।୧୧ (ମହାଭାରତ):** ବନ୍ଦ ହେବ ବାଲି ମାଫିଆଙ୍କ ମନମାନୀ। ସାବାଡ ହେବେ ବାଲି ମାଫିଆ। ବେଆଇନ ଭାବେ ବାଲି ଉତ୍ତୋଳନ କରି କେହି କରିପାରିବେନି ବିକ୍ରି। ବାଲି ପାଇଁ ଲାଗୁ ହେବ ଏମଏସପି ଲାଗୁ କରିବେ ସରକାର। ଆଉ ମନ ଇଚ୍ଛା ଦର ବଢାଇ ପାରିବେନି ଲିଜ ଧାରୀ। ସରକାର ନିର୍ଦ୍ଧାରିତ କରିଥିବା ଏମଏସପି ଦରରେ ହିଁ ବିକ୍ରି କରିବେ ଲିଜ୍ ଧାରୀ। ଏମଏସପିରୁ ଅଧିକ ଦରରେ କେହି ବାଲି ବିକ୍ରି କରିପାରିବେନି। ସାରା ରାଜ୍ୟରେ ଗୋଟିଏ ଦରରେ ବିକ୍ରି ହେବ ବାଲି। ଦର କମିବା ସହ ଲୋକଙ୍କୁ ସୁଲଭ ମୂଲ୍ୟରେ ମିଳିବ ବାଲି। ବାଲି ଖଣି ପାଇଁ ହେବନି ଇ-ନିଲାମୀ। ଇ-ଲଟେରୀ ମାଧ୍ୟମରେ ଦିଆଯିବ ଖଣି ଲିଜ। ଏହାସହ ଏଣିକି ବାଲି ଗଚ୍ଛିତ କରି ରଖିବା ପାଇଁ ଷ୍ଟୋରେଜ ଲାଇସେନ୍ସ ଦେବେ ସରକାର। ବିନା ଷ୍ଟୋରେଜ ଲାଇସେନ୍ସରେ ବାଲି ଓ ଅନ୍ୟ ଲଘୁ ଖଣିଜ ପଦାର୍ଥ କେହି ବେଆଇନ ଗଚ୍ଛିତ କରି ରଖି କରିବେ ନାହିଁ।

## ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୧୦ ବର୍ଷ ଗୁରୁତ୍ୱପୂର୍ଣ୍ଣ

**ଧାମନଗର,୨୨।୧୧ (ମହାଭାରତ):** ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ହେଉଛନ୍ତି ସ୍ୱାଧୀନତା, ଅସ୍ମିତା, ଏକତା, ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ। ଆଗାମୀ ଦିନରେ ୟୁନେସ୍କୋ ସହଯୋଗରେ ଗୋହିରାଟିକିରି ଉପରେ ଗବେଷଣା କରାଯିବ ଏବଂ ଭାରତ ସରକାରଙ୍କ ସହଯୋଗରେ ରାଜା ମୁକୁନ୍ଦଦେବଙ୍କ ସହ ଜଡ଼ିତ ଇତିହାସ ପୃଷ୍ଠାରେ ବ୍ୟାପକ କରାଇବା ପାଇଁ ଉଦ୍ୟମ ହେବ ବୋଲି ଶନିବାର ଭଦ୍ରକ ଜିଲ୍ଲା ଧାମନଗର ଦୋବଲ ଠାରେ ଆୟୋଜିତ 'ଏକତା ପଦଯାତ୍ରା ଏବଂ ସାଧାରଣ ସଭା'ରେ ଯୋଗଦେବା ସହ ବହୁବିଧ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଭାରତର ଏକତାର ପ୍ରତୀକ, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଗୋହିରାଟିକିରିଠାରୁ ଦୋବଲ କାଳୀ ବଜାର ପର୍ଯ୍ୟନ୍ତ "ଏକତା ପଦଯାତ୍ରା"ରେ ସାମିଲ ହୋଇଥିଲେ। ସ୍କୁଲ କଲେଜର ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

ସେ କହିଥିଲେ ସର୍ଦ୍ଦାର ପଟେଲଙ୍କ ଜୀବନ କାହାଣୀ ଏକ ନବଜାତ ରାଷ୍ଟ୍ରର ସଂଗଠନ ଓ ସମୃଦ୍ଧିର ଗାଥା। ଓଡ଼ିଶା ସମେତ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ତାଙ୍କର ତ୍ୟାଗ ଅତୁଳନୀୟ । ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟି ଏବଂ ସର୍ଦ୍ଦାର ପଟେଲଙ୍କ ରାଜନୈତିକ ସମର୍ଥନ ତଥା ଦୃଢ଼ ନିଷ୍ପତି ଯୋଗୁଁ ଓଡ଼ିଶାରେ ସର୍ବପ୍ରଥମେ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଥିଲା। ଭାରତୀୟ ସଂଘରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ କ୍ଷେତ୍ରରେ ନୀଳଗିରି ପ୍ରଥମ ସଫଳତା ଭାବରେ ଇତିହାସରେ ସ୍ଥାନ ପାଇଛି।

ସେ କହିଥିଲେ ଯେ ଗୋହିରାଟିକିରି ଓଡ଼ିଶାର ଶେଷ ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଏବଂ ଶେଷ ସ୍ୱାଧୀନ ହିନ୍ଦୁ ରାଜାଙ୍କ ରକ୍ତରେ ରଞ୍ଜିତ ଏକ ବୀରଭୂମି । ରାଜା ମୁକୁନ୍ଦଦେବ କେବଳ ଜଣେ ଶାସକ ନଥିଲେ; ସେ ଥିଲେ ଓଡ଼ିଶାର ସ୍ୱାଧୀନତା, ଅସ୍ମିତା, ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ । ରାଜା ମୁକୁନ୍ଦ ଦେବ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ତାଙ୍କ ରାଜ୍ୟ ବିସ୍ତାର କରିଥିଲେ ଏବଂ ଓଡ଼ିଆ ପରିଚୟ ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ଅକ୍ଳାନ୍ତ ସଂଗ୍ରାମ କରିଥିଲେ। ସେ ଓଡ଼ିଆ ଅସ୍ମିତା ଓ ସଭ୍ୟତାର ସୁରକ୍ଷା ପାଇଁ କଳାପାହାଡ଼ ସହ ଲଢ଼େଇ କରି ଷଡ଼ଯନ୍ତ୍ରର ଶିକାର ସତ୍ତ୍ୱେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼େଇ କରି ମୃତ୍ୟୁକୁ ଆପଣାଇଥିଲେ।

ସେ ଗୁରୁତ୍ୱାରୋପ କରିଥିଲେ ଯେ ଇତିହାସ ଭବିଷ୍ୟତର ଦର୍ପଣ; ଇତିହାସକୁ ଅଧ୍ୟୟନ ନ କଲେ ଭବିଷ୍ୟତ ପାଇଁ ରାସ୍ତା ନିରୂପଣ କରିବା ସହଜ ନୁହେଁ । ୨୦୩୬ରେ ଓଡ଼ିଶା ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ । ତେଣୁ ଆମର ଦାୟିତ୍ୱ ହେଉଛି ଓଡ଼ିଶାର ସମୃଦ୍ଧି ପାଇଁ ପରିଶ୍ରମ କରିବା, ଗାଁର ପରିବେଶକୁ ସ୍ୱଚ୍ଛ ରଖିବା, ପୋଷଣକୁ ପ୍ରାଧାନ୍ୟ ଦେଇ ନବଜାତି ଶିଶୁଙ୍କ ଠାରୁ ଆରମ୍ଭ କରି ସବୁ ପିଲାଙ୍କ ଯତ୍ନ ନେବା । ଓଡ଼ିଆ ଭାଷା ପ୍ରତି ମମତା ଜାଗ୍ରତ କରିବା ସହ ତାହାର ପ୍ରଚାର ପ୍ରସାର କରିବା। କେବଳ ସରକାରୀ ବ୍ୟବସ୍ଥା ଉପରେ ନିର୍ଭର ନ କରି ସମାଜର ପ୍ରଚେଷ୍ଟାରେ ଓଡ଼ିଶାକୁ ଏକ ନମ୍ବର କରିବାର ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଥିଲେ । ଏହାବ୍ୟତୀତ ଓଡ଼ିଶାର ଭାଷାଭିତିକ ରାଜ୍ୟ ଗଠନର ଶତବାର୍ଷିକୀ ଅବସରରେ ୨୦୩୬ ସୁଦ୍ଧା ଗୋହିରାଟିକିରିକୁ ଏକ ଐତିହ୍ୟ ସ୍ଥଳରେ ପରିଣତ କରିବା ଦିଗରେ ସାମୂହିକ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଷବ୍ୟାପୀ ପାଳନ ହେବ ଜାନକୀ ବଲ୍ଲଭ ଜନ୍ମଶତବାର୍ଷିକୀ



**ଭୁବନେଶ୍ୱର,୨୨।୧୧ (ମହାଭାରତ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣୀ ପ୍ରଜ୍ଞାପୁରୁଷ ଡଃ. ଜାନକୀ ବଲ୍ଲଭପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ବର୍ଷବ୍ୟାପୀ ପାଳନ କରାଯିବ। ଏ ନେଇ ଆଜି ଏକ ପ୍ରସ୍ତୁତି କମିଟି ବୈଠକ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବ ପ୍ରଶାସକ ନୀଳମାଧବ ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶତବାର୍ଷିକ କମିଟିର ମୁଖ୍ୟ ସଂଯୋଜକ ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ପଟ୍ଟନାୟକ ଜାନକୀ ବଲ୍ଲଭଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ କରାଯାଇଥିବା ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ତାଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ଜାନୁଆରି ୩, ୨୦୨୬ଠାରୁ ଜାନୁଆରି ୩, ୨୦୨୭ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମର ଏକ ମାର୍ଗଦର୍ଶିକାର ଭିଡିଓ ଚିତ୍ର ଯୁବନେତା ଅଭିଷେକ ମହାନନ୍ଦ ଉପସ୍ଥାପନ କରିଥିଲେ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ସାଂସଦ ଭୂପିନ୍ଦର ସିଂହ, ଡ. ବିମଳେନ୍ଦୁ ମହାନ୍ତି, ପୂର୍ବତନ ପ୍ରଶାସକ ରବିନାରାୟଣ ସେନାପତି, ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ସ୍ୱର୍ଗତ ଜାନକୀବଲ୍ଲଭଙ୍କ ସମସ୍ତ ରଚନାକୁ ଏକ ଗ୍ରନ୍ଥ ଆକାରରେ ପ୍ରକାଶ କରି ଓଡ଼ିଶାର ସମସ୍ତ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ରଖିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାହିତ୍ୟିକ ଦାଶ ବେନହୁର, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ବିଜେଡି ବିଧାୟକ ଗଣେଶ୍ୱର ବେହେରା, ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ, ସ୍ୱସ୍ତି ଅଧ୍ୟକ୍ଷ ଜେକେ ମହାନ୍ତି ତାଙ୍କ ପ୍ରସ୍ତାବରେ ତାଙ୍କ ସମୟରେ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମକୁ ତାଙ୍କ ନାମରେ ନାମିତ କରିବା ସହିତ ଷ୍ଟାଡିୟମ୍ ପରିସରରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ।

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୨।୧୧ (ମହାଭାରତ):** ସୀମାନ୍ତ ତେଲେଙ୍ଗାନାର ଡିଜିପିଙ୍କ ନିକଟରେ ୩ ଜଣ ସିସିଏମ ନକ୍ସଲ ସମେତ ୩୭ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ୩ ଜଣ ଷ୍ଟେଟ କମିଟି ମେମ୍ବର ମଧ୍ୟରୁ ତେଲେଙ୍ଗାନା ଷ୍ଟେଟ କମିଟି ମେମ୍ବର କୋୟଡା ସାମ୍ବାୟା ଓରଫ ଆଜାଦ୍ ଓ ଆପ୍ପାସି ନାରାୟଣ ଓରଫ ରମେଶ ଏବଂ ତେଲେଙ୍ଗାନା ଷ୍ଟେଟ କମିଟିର ମେମ୍ବର ହେଉଛି ମୁଚ୍ଚକି ସୋମଡା। ଏମାନଙ୍କ ନାମରେ ତେଲେଙ୍ଗାନା ରାଜ୍ୟ ସରକାର ୨୦ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଏଥିସହ ଗୋଟିଏ ଏକେ-୪୭ ରାଇଫଲ, ଦୁଇଟି ଏସଏଲଆର ବନ୍ଧୁକ, ୪ଟି ୩୦୩ ରାଇଫଲ ଏବଂ ଗୋଟିଏ ଜି୩



ରାଇଫଲ ସମେତ ୩୪୩ ଜୀବନ୍ତ ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟ ନକ୍ସଲମାନେ ହେଲେ ଏସିଏମ ନୁପୋ ଗଂଗା, ପାର୍ଟି ମେମ୍ବର ହେଲେ ମାଡବି ସୁକ୍କା, କୁଡ୍ମମ କାମଲା, ପଡ଼ିୟମ ଜଗା, ମିଡ଼ିୟମ ମାଲେ, ଭିକୋ କୋସି, ଉକେ ରନିତା, ସୋଡ଼ି ମାଙ୍ଗି, ଉଲକେ ରତ୍ନା, ଭେଟ୍ଟି ଜଗା, ଓୟାମ ଲେଲି, ମଡ଼ିୟମ ରାନୀ, କୋର୍ସା ଲାକମେ, କଲୁମୁ ଉଙ୍ଗି, ହେମଲା ଭୀମେ, କର୍ତାମ ମୋଟ୍ଟୁ, ଉଲକେ ବିଚେ, ପୁନେମ ଉଙ୍ଗି, ଆବକା ରାଇମୋତି ଏବଂ କୁଡିୟମ ଦେବା। ଡିଭିଜନାଲ କମିଟି ମେମ୍ବର ହେଲେ ସୁଡି ସୁକ୍କି, ସୋଡି ପାଇକି, ସୋଡି ହିଡୁମା, ଡିଭିସିଏମ ମାଡ଼ବୀ ସୋନା, ହେମଲା ଆଡୁମେ, ଏସିଏମ ମୁଚ୍ଚକି ଉରା, ପିପିସିଏଣ କୁଡାମ ଲକ୍ଷ୍ମୀ, ଏସିଏମ ସୋଡି ସୋମିଡି, ପିପିସିଏମ ପୋଡିୟାମ ମାସେ, ଏସିଏମ ପୋଡିୟାମ ରାନୁ, ଏସିଏମ କରମ ମଙ୍ଗଲି, ଏସିଏମ ମାଡବି ମନକେଲି, ପିପିସିଏମ ମାଡବି କୋସା ଏବଂ ନୁପୋ ସୁକ୍କି। ତେବେ ମୋଟ ୩୭ ନକ୍ସଲଙ୍କ ନାମରେ ୧ କୋଟି ୪୧ ଲକ୍ଷ ୫ ହଜାର ଟଂକା ରହିଥିଲା। ପୁଲିସ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏକେ-୪୭ ରାଇଫଲ ଧରୁଥିବା ନକ୍ସଲଙ୍କୁ ଅଧିକା ୪ ଲକ୍ଷ ଟଂକା, ଏସଏଲଆର ଧରୁଥିବା ନକ୍ସଲଙ୍କୁ ଅଧିକା ୨ ଲକ୍ଷ ଟଂକା ୩୦୩ ବନ୍ଧୁକ ଧରୁଥିବା ନକ୍ସଲଙ୍କୁ ଅଧିକା ୧ ଲକ୍ଷ ଟଂକା ଏବଂ ଅନ୍ୟ ରାଇଫର ଧରୁଥିବା ନକ୍ସଲଙ୍କୁ ମାତ୍ର ୫ ହଜାର ଟଂକା ପ୍ରଦାନ କରାଯାଇଛି।

## ଗହମ ବର୍ଫି

ସମ୍ପ୍ରତି ଦେଶର ସ୍ଥିତି ଉଦ୍‌ବେଗ ଜନକ ରହିଛି। ଏପରି ସମୟରେ ଜିଦିଆ ହୋଇ ସରକାରୀ ଆଦେଶ ବିରୋଧରେ ବାହାରେ ନ ବୁଲି ଘରେ ରହିବା ଆବଶ୍ୟକ। ତେବେ ପୂରା ଦିନ ଘରେ ରହିବା ଅବଶ୍ୟ ବିରକ୍ତି କର। କିନ୍ତୁ ଏହି ସମୟକୁ ଯଦି ସୃଜନଶୀଳ କରାଯାଏ, ତେବେ ଏହା ଅତ୍ୟନ୍ତ ଆନନ୍ଦଦାୟୀ ହୋଇପାରିବ। ତେଣୁ ଏହି ସମୟର ସଦୁପଯୋଗ କରିବାକୁ କିଛି ନୂଆ ଓ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି କରିବା କିଛି ଭୁଲ ହେବ ନାହିଁ। ତେଣୁ ଆମେ କହୁଛୁ ଅତି ସହଜରେ ଓ ଅଳ୍ପ ଖର୍ଚ୍ଚରେ କିପରି କରିବେ ଗହମ ବର୍ଫି।

ଆବଶ୍ୟକ ସାମଗ୍ରୀ: ଗହମ ବଟା, ଚିନି, କ୍ଷୀର, ଗୁଜୁରାତି, କାଜୁ, ଗୁଆ ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ। ତା'ପରେ ଗହମ ବଟା ପକାଇ ଆଉଥରେ ଭଲକରି ଫୁଟାନ୍ତୁ। ଏହି ମିଶ୍ରଣ ଯେପରି ତଳେ ନ ଲାଗିବା ସେଥିପାଇଁ ବାରମ୍ବାର ଘାଣ୍ଟନ୍ତୁ। ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଫୁଟିଗଲା ପରେ ସେଥିରେ ଚିନି, ଗୁଜୁରାତି ଓ କାଜୁ ପକାଇ ଗୋଳାନ୍ତୁ। ବର୍ତ୍ତମାନ ଏକ ଥାଳିରେ ଗୁଆଘିଅ ମାରି ରଖନ୍ତୁ। ଏବେ ଏଥିରେ କଡ଼େଇରେ ଫୁଟୁଥିବା ମିଶ୍ରଣକୁ ଢାଳିଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ପନ୍ଦର କୋଡିଏ ମିନିଟ୍ ଫ୍ରିଜରେ ରଖି ଦିଅନ୍ତୁ। ଏହା ପରେ ମନପସନ୍ଦର ଆକାରରେ କାଟି ପରଷି ଦିଅନ୍ତୁ ସୁଆଦିଆ "ଗହମ ବର୍ଫି"।



### ଖବର

## ମହାକାଳଙ୍କ ମନ୍ଦିରରେ ଜୁବିନ୍, ପଶୁପତିନାଥ ମନ୍ଦିରରେ କୈଳାଶ ଖେର



ବଲିଉଡର ଲୋକପ୍ରିୟ ଗାୟକ ଜୁବିନ ନୌଟିଆଲ ମହାକାଳେଶ୍ୱର ମନ୍ଦିରରେ ପହଞ୍ଚିଛନ୍ତି । ମହାକାଳେଶ୍ୱର ମନ୍ଦିରରେ ପହଞ୍ଚି ବାବା ମହାକାଳଙ୍କ ଦର୍ଶନ କରିଛନ୍ତି । ସେହିପରି କୈଳାଶ ଖେର ମଧ୍ୟ ପଶୁପତି ନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଇଛନ୍ତି । ଦୁଇ ଗାୟକ ମନ୍ଦିର ଦର୍ଶନ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି ।ଜୁବିନଙ୍କ ଗୀତରେ ଫ୍ୟାନ୍ସ ପାଗଳ । ଜୁବିନ ଉଜ୍ଜୈନର ବାବା ମହାକାଳ ଦର୍ଶନ ପାଇଁ ପହଞ୍ଚିଛନ୍ତି । ନନ୍ଦି ହଲରେ ବସି ବାବା ମହାକାଳ ଦର୍ଶନ କରିବାକୁ ପହଞ୍ଚିଥିଲେ । ହାତ ଯୋଡି ବାବାଙ୍କ ପୂଜାର୍ଚ୍ଚନା କରୁଛନ୍ତି । ଏହି ସମୟରେ ଭସ୍ମ ଆତଳିରେ ଭାଗ ନେଇଛନ୍ତ। ଏହି ସମୟରେ ଜୁବିନ ଭଜନ ଶୁଣାଇ ଫ୍ୟାନ୍ସଙ୍କ ହୃଦୟ ଜିତିନେଇଛନ୍ତି। ୨ ବର୍ଷ ପୂର୍ବରୁ ଜୁବିନ ବାବା ମହାକାଳଙ୍କ ଦର୍ଶନ କରିବା ପାଇଁ ଉଜ୍ଜୈନ ଯାଇଥିଲେ। ଭସ୍ମ ଆଳତିରେ ସାମିଲ ହୋଇ ଅଦ୍ଭୁତ ଶକ୍ତି ଅନୁଭୂତ କରିଥିଲେ ।ସେହିପରି କୈଳାଶ ଖେର ମଧ୍ୟ ମଧ୍ୟପ୍ରଦେଶ ମନ୍ଦୋସୌରରେ ଥିବା ପଶୁପତିନାଥ ମନ୍ଦିରରେ ପହଞ୍ଚି ପ୍ରାର୍ଥନା କରିଛନ୍ତି ।

## ଧନ କ୍ଷୟର ୪ଟି କାରଣ

ଆମ ସମସ୍ତଙ୍କ ଇଛା ଘରେ ସବୁ ସମୟରେ ସୁଖ ଓ ସମୃଦ୍ଧି ବଜାୟ ରହୁ। ଘରକୁ ଅଧିକ ଧନର ଆଗମନ ହେଉ। କିନ୍ତୁ ଆମେ ଅଜାଣତରେ କରି ଦେଉଥିବା କିଛି କାର୍ଯ୍ୟ ଧନକ୍ଷୟର କାରଣ ହୋଇଥାଏ। ଯେତେ ଉପାର୍ଜନ କଲେ ବି ଧନ ସଞ୍ଚୟ ହୋଇପାରେ ନାହିଁ। ଧନକ୍ଷୟରୁ ବର୍ତ୍ତିବା ପାଇଁ ବାସ୍ତୁ ଅନୁଯାୟୀ କିଛି ନିୟମ ପାଳନ କରିବାକୁ ହୋଇଥାଏ। ଚାଲନ୍ତୁ ଜାଣିବା ଏମିତି କଣ ସବୁ ରହିଛି ଯାହା ଧନ କ୍ଷୟର କାରଣ।




ଭ ଖାଇବା ସମୟରେ ମୁହଁ ପୂର୍ବ କିମ୍ବା ଉତ୍ତର ଦିଗକୁ କରି ଖାଆନ୍ତୁ। ଜୋତା ପିନ୍ଧି କେବେ ହେଲେ ଖାଆନ୍ତୁ ନାହିଁ। ଏପରି କରିବା ଦ୍ୱାରା ଧନହାନି ହୋଇଥାଏ।

ଭ ରାତିରେ ଦହି ଖାଇବା ଅନୁଚିତ୍। ଧନକ୍ଷୟର ଅନ୍ୟ ଏକ କାରଣ ରାତିରେ ଦହି ଖାଇବା।

ଭ ଘରେ ଠାକୁରଙ୍କ ଠାରେ ଲାଗି ହୋଇଥିବା ଫୁଲକୁ ଅନେକ ଲୋକେ ଶୁଖିବା ପରେ ବି ସାଇତି ରଖିଥାନ୍ତି। ବାସ୍ତୁ ଅନୁସାରେ ଶୁଖିଲା ଫୁଲକୁ ଘରେ ରଖିବା ଅନୁଚିତ। ଏହା ମା ଲକ୍ଷ୍ମୀଙ୍କୁ ଅସନ୍ତୁଷ୍ଟ କରେ।

ଭ ଘିଅ କିମ୍ବା କ୍ଷୀରକୁ ଅଇଁଠା ହାତରେ ଛୁଅନ୍ତୁ ନାହିଁ। ଘିଅ ବ୍ୟବହାର କରିବା ସମୟରେ ସୁଦ୍ଧତା ଉପରେ ଗୁରୁତ୍ୱ ଦେବା ଦରକାର। ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥା'ନ୍ତି। ଆପଣଙ୍କ ଘରେ ଧନର ଅଭାବ ହୁଏନି।

## ଆଲମିରାରେ ରଖନ୍ତୁ ଏହି ୫ଟି ଜିନିଷ; ହେବେ ମାଲାମାଲ୍ ,ଖାଲି ହେବନି ଆଲମିରା

ହିନ୍ଦୁ ପର୍ବପର୍ବାଣିରେ ଅକ୍ଷୟ ତୃତୀୟାକୁ ଖୁବ ପବିତ୍ର ପର୍ବ ବୋଲି କୁହାଯାଏ। ଏହି ଦିନ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତି ହେବା ସହ ଧନ ପ୍ରାପ୍ତି ହୋଇଥାଏ। ସୁନା,ସମ୍ପତ୍ତି, ଯାନ ଆଦି ଏହି ଦିନ କିଣିବା ଅତ୍ୟନ୍ତ ଶୁଭଙ୍କର। ଏହାଦ୍ୱାରା ଘରେ ସୁଖସମୃଦ୍ଧି ପ୍ରବେଶ କରିଥାଏ। ଅକ୍ଷୟ ତୃତୀୟା ୧୦ ମେ ୨୦୨୪ରେ ପାଳନ କରାଯିବ। ଏହା ବ୍ୟତୀତ ଶାସ୍ତ୍ରରେ ଏଭଳି କିଛି ଜିନିଷ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ ଅକ୍ଷୟ ତୃତୀୟା ଦିନ ଆଲମିରାରେ ରଖିଲେ , ଧନ ଦ୍ୱିଗୁଣା ହୋଇଯାଏ। ବର୍ଷଯାକ ଟଙ୍କାର ଅଭାବ ହୋଇନଥାଏ ।ଋନ୍ଦି ଟଙ୍କା – ଅକ୍ଷୟ ତୃତୀୟାରେ ଋନ୍ଦି ଟଙ୍କା କିଣିବା ଅତ୍ୟନ୍ତ ଶୁଭଙ୍କର। ଏହାକୁ କିଣି ଘରେ ମା'ଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ। ଏହାପରେ ଋନ୍ଦିର ଟଙ୍କାକୁ ଲାଲ କପଡାରେ ବାନ୍ଧି ଆଲମିରାରେ ଧନ ରଖିବା ସ୍ଥାନରେ ରଖନ୍ତୁ। ମାନ୍ୟତା ଅନୁଯାୟୀ ଏହା ଦ୍ୱାରା ବର୍ଷଯାକ ଧନର ଅଭାବ



ହୋଇନଥାଏୟ ଆଲମିରାରେ ସର୍ବଦା ଟଙ୍କା ଓ ସୁନା ଦ୍ୱିଗୁଣିତ ହୋଇଥାଏ। ଅପରାଜିତା ଗଛର ଚେର – ଅକ୍ଷୟ ତୃତୀୟା ଦିନ ଅପରାଜିତା ଗଛର ଚେରକୁ ଗଙ୍ଗାଜଳରେ ଧୋଇ ଦିଅନ୍ତୁ। ଏଥିରେ କେସର ତିଳକ ଲଗାଇ ଋନ୍ଦିର ଡବାରେ ରଖନ୍ତୁ ।ଏହାକୁ ଧନ ରଖିବା ସ୍ଥାନରେ ରଖନ୍ତୁ। ଏହି ଉପାୟରେ ମାଲାମାଲ ହୋଇ ଯାଆନ୍ତି ବୋଲି ମାନ୍ୟତା ରହିଛି ।ଶ୍ରୀଫଳ – ଶ୍ରୀଫଳକୁ ମା'ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ପ୍ରତୀକ ବୋଲି କୁହାଯାଏ। ମାନ୍ୟତା ଅନୁଯାୟୀ, ଆଲମିରା,ଦୋକାନରେ ଶ୍ରୀଫଳ ରଖିବା ଦ୍ୱାରା କଦାପି ଟଙ୍କାର ଅଭାବ ହୋଇନଥାଏ। ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ। ଅକ୍ଷୟ ତୃତୀୟା ଦିନ ଶ୍ରୀଫଳକୁ ଲାଲ କପଡାରେ ବାନ୍ଧି ଆଲମିରାରେ ରଖନ୍ତୁ।

ହଳଦୀ – ହଳଦୀକୁ ଭଗବାନ ବିଷ୍ଣୁ ଓ ଗ୍ରହ ବୃହସ୍ପତିଙ୍କ ପ୍ରତୀକ ବୋଲି କୁହାଯାଏ। ସେହିପରି କଉଡି ମା'ଲକ୍ଷ୍ମୀଙ୍କ ପ୍ରତୀକୟ ତେଣୁ ଧନ ପ୍ରାପ୍ତି ପାଇଁ ଅକ୍ଷୟ ତୃତୀୟା ଦିନ ଏକ ଗୋଟା ହଳଦୀ, ହଳଦିଆ କଉଡି ସହ ହଳଦିଆ କପଡାରେ ବାନ୍ଧି ଆଲମିରାରେ ରଖନ୍ତୁ। ଧନର ଅଭାବ ଦୂର ହେବୟକୁବେର ଯନ୍ତ୍ର – ଅକ୍ଷୟ ତୃତୀୟାରେ ସୁଖ ସମୃଦ୍ଧି ଓ ସୌଭାଗ୍ୟ ପାଇଁ କୁବେର ଯନ୍ତ୍ରକୁ ବିଧି ବିଧାନରେ ପୂଜା କରି ସ୍ଥାପନ କରନ୍ତୁ। ପୂଜା ପରେ ଏହାକୁ ଆଲମିରାରେ ରଖନ୍ତୁ। ପୂର୍ଣ୍ଣିମା, ଧନତେରସ, ଦୀପାବଳୀରେ ଏହାକୁ ପୂଜାର୍ଚ୍ଚନା କରନ୍ତୁ। ଏହାଦ୍ୱାରା ଧନର ଅଭାବ ଦୂର ହୋଇଥାଏ।

## ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ

ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ୍ୟ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ୍ୟ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୂରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ



ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା।

କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ୍ୟ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ୍ୟ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି । ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ୍ୟ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବର। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ । ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ୍ୟ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ୍ୟ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ୍ୟ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ

ଭୁବନେଶ୍ୱର,୨୨।୧୧ (ମହାଭାରତ): ଓଡ଼ିଶାର ସମବାୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ। ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ। ପ୍ରଗତିର ପ୍ରମୁଖ ଇଂଜିନ୍ ସାଜିବ ଓ ତୃଣମୂଳ ସ୍ତରରେ ସମବାୟ ଅନୁଷ୍ଠାନ ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେବ ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ସୋମବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନାଚକ୍ର ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦାନ କରି ସେ ଏହା କହିଛନ୍ତି। ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ଆଧୁନିକୀକରଣ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର "ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫" ପ୍ରଣୟନ କରିବାକୁ ଯାଉଛନ୍ତି। ଜାତୀୟ ସମବାୟ ନୀତି ପ୍ରକାଶ ପାଇ ସାରିଥିବା ବେଳେ ସମବାୟ ସଂସ୍କାର ଆଧାରରେ "ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫" ପ୍ରକାଶ ପାଇବ। ସମବାୟ ସଂସ୍ଥାଗୁଡ଼ିକୁ ଦୀର୍ଘସ୍ଥାୟୀ, ଆତ୍ମନିର୍ଭର, ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ, ନାଗରିକ-କୈନ୍ଦ୍ରିକ ଓ ତୃଣମୂଳ ସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ "ୱାନ୍ ଷ୍ଟପ୍ ସପ୍" ଅନୁଷ୍ଠାନରେ ପରିଣତ କରିବାକୁ ଏହି ନୀତି ଲକ୍ଷ୍ୟ ରଖିଛି ବୋଲି ସମବାୟ ବିଭାଗର କମିଶନର ତଥା ଶାସନ ସଚିବ କହିଛନ୍ତି। କୃଷି ଭିତିକ ସେବା, ଋଣ ପ୍ରଦାନ, ଜୀବିକା ସହାୟତା କ୍ଷେତ୍ରରେ ସମବାୟ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ରହିଛି। ସମବାୟ ଅନୁଷ୍ଠାନକୁ ଆର୍ଥିକ ଭାବେ ଆତ୍ମନିର୍ଭର କରିବା ସହ ଏହି ନୀତି ଓଡ଼ିଶାର ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଓ ଡିଜିଟାଲ୍ ଭାବେ ସଶକ୍ତ କରିବ। ଫଳରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ସହ ରାଜ୍ୟ ସରକାରଙ୍କ ଆତ୍ମନିର୍ଭର ପ୍ରତିବଦ୍ଧତାକୁ ଏହା ଦୃଢ଼ କରିବ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି, ମତ୍ସ୍ୟ, ଦୁଗ୍ଧ, ଆବାସ, ବିପଣନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ ଆଦି କ୍ଷେତ୍ରରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।



# ଖଣିଜ ପ୍ରତିଷ୍ଠାନ ପାଣ୍ଠିର ଉପଯୋଗିତା ନେଇ ସମୀକ୍ଷା



ଭୁବନେଶ୍ୱର,୨୨।୧୧ (ମହାଭାରତ): ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ୍) ପାଣ୍ଠିର ଉପଯୋଗିତା ନେଇ ଏକ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର ଠାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଡିଏମଏଫ ଫାଣ୍ଠିର ମୋଟ ପ୍ରାପ୍ତିର ୯୯.୫% ଯୋଗଦାନ ରହିଥିବା ୧୧ ଟି ପ୍ରମୁଖ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲାରେ ଡିଏମଫ୍ ପାଣ୍ଠି ଉପଯୋଗ ନେଇ ରାଜ୍ୟରୁ ଦିଆଯାଉଥିବା ପ୍ରକଳ୍ପ ସଂପର୍କିତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ୨୦୨୫ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଏହି ଜିଲ୍ଲାଗୁଡିକରେ ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ ସ୍ଥିତି ଓ ପ୍ରକଳ୍ପ କାର୍ଯ୍ୟକାରିତା ଅନୁସାରେ ଖର୍ଚ୍ଚ ବିନିଯୋଗ, ବିଭିନ୍ନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ପ୍ରକଳ୍ପ କାର୍ଯ୍ୟକାରିତା ଓ ଖର୍ଚ୍ଚ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ଜିଲ୍ଲାରେ ପୁନର୍ଗଠିତ ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହେବା, ଜିଲ୍ଲା ଖଣିଜ ପାଣ୍ଠିର ବାର୍ଷିକ ବିବରଣୀ ଓ ଅଡିଟ୍ ରିପୋର୍ଟ - ୨୦୨୪-୨୫ ପ୍ରସ୍ତୁତି ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଡିଏମଏଫ ପାଣ୍ଠି ଉପଯୋଗ ନେଇ ରାଜ୍ୟସ୍ତରୀୟ କମିଟିର ନିଷ୍ପତିକୁ କାର୍ଯ୍ୟକାରୀ କରିବା ସଂପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳମାନେ ବିଭିନ୍ନ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନେଇ ନିଜ ନିଜର ମତ ରଖିବା ସହ ରହୁଥିବା ସମସ୍ୟାର ସମାଧାନ ସଂପର୍କରେ ପରାମର୍ଶ ଲୋଡିବା ସହ ଆଲୋଚନା କରିଥିଲେ। ଉନ୍ନୟନ କମିଶନର ଜିଲ୍ଲାପାଳମାନଙ୍କୁ ଦାୟିତ୍ୱର ସହ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଏ ନେଇ ନିୟମିତ ସମୀକ୍ଷା କରିବା, ପ୍ରକଳ୍ପ କାର୍ଯ୍ୟକାରିତା ଓ ପାଣ୍ଠି ଉପଯୋଗିତା ସଂପର୍କିତ ସୂଚନା ଅପଡେଟ୍ କରାଯିବା, ଡିଏମଏଫ ପାଣ୍ଠି ଉପଯୋଗରେ ଖଣି ଠାରୁ ୫ କିମି ପରିଧି ମଧ୍ୟରେ ଥିବା ଖଣି ପ୍ରଭାବିତ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ନିର୍ମାଣ ଆଦି ଅତ୍ୟାବଶ୍ୟକ ମୌଳିକ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନୟନ କମିଶନର କହିଥିଲେ ଯେ, ଡିଏମଏଫ ଜିଲ୍ଲାଗୁଡିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଇଛି ଓ କରାଯାଉଛି। ତେଣୁ ଡିଏମ୍ଏଫ ପାଣ୍ଠିରୁ ଯେପରି କୌଣସି ପ୍ରକଳ୍ପକୁ ଏକାଧିକ ବାର ଦର୍ଶା ନଯାଏ, ସେଥିପ୍ରତି ଜିଲ୍ଲାପାଳମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ

ଭୁବନେଶ୍ୱର,୨୨।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ (କ୍ୟାମ୍ପସ-୨) ଫୁଲନଖରାରେ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୨ର ଦ୍ୱିତୀୟ ବର୍ଷରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ମହର୍ଷି ଚରକଙ୍କ ଶପଥ ନେବା ସହ ମୂଲ୍ୟବୋଧ ଭିତିକ ଚିକିତ୍ସା କରିବା ନିମନ୍ତେ ପ୍ରତିବଦ୍ଧତା ପକାଶ କରିଥିଲେ। ଏଥିରେ ସୋଆ ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଏହି ଅବସରରେ ଶ୍ରୀମତି ଦାସ କହିଥିଲେ ଯେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଉତ୍କର୍ଷତାର କେନ୍ଦ୍ର ଭାବେ ଉଭା ହୋଇଛି। ଯେଉଁମାନେ ଡାକ୍ତରଙ୍କ ଠାରୁ ଯତ୍ନ ଓ ସେବାର ଆକାଂକ୍ଷା ରଖିଥାନ୍ତି ସେମାନଙ୍କ ପ୍ରତି ଉପଯୁକ୍ତ ଦାୟିତ୍ୱ, ଉଚିତ ଆଚରଣ ଏବଂ ସମ୍ମାନ ପ୍ରଦର୍ଶନ କରିବାର ନିଦର୍ଶନ ହେଉଛି ଏହି ହ୍ୱାଇଟ କୋଟ ବୋଲି ଶ୍ରୀମତି ଦାସ କହିଥିଲେ। ପ୍ରତି ଛାତ୍ରଛାତ୍ରୀଙ୍କ ଭିତରେ ନିଃସ୍ୱାର୍ଥପର ସେବା, କରୁଣା ଓ ସମର୍ପଣ ମନୋଭାବ ରହିବା ଉଚିତ୍ ବୋଲି ମତ ରଖି ସେ କହିଥିଲେ ଯେ ଏହି ହ୍ୱାଇଟ କୋଟ୍ ଉତ୍ସବ ସେମାନଙ୍କ ଏହି ଯାତ୍ରାର ଆରମ୍ଭ ନୁହେଁ ମାତ୍ର ଏହା ମନୁଷ୍ୟ ସମାଜର ସେବା କରିବା ନିମନ୍ତେ ଏକ ପ୍ରତିବଦ୍ଧତା। ଏହି କୋଟ ପରିଧାନ କରିବା ପରେ ସେମାନଙ୍କ ଦାୟିତ୍ୱ ଓ କର୍ତବ୍ୟ କ'ଣ ରହିଛି ସେ ବିଷୟରେ ପ୍ରଥମେ ଅବଗତ ହେବା ଜରୁରୀ ବୋଲି ସୋଆ ଉପସଭାପତି କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆରଏଫ୍) ର୍‍ୟାଙ୍କିଙ୍ଗସ ୨୦୨୫ରେ ସୋଆ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ହାସଲ କରିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ମଧ୍ୟ ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନୀତ ହୋଇଛି।

# ଆଗାମୀ ୫୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କର

ଭୁବନେଶ୍ୱର,୨୨।୧୧ (ମହାଭାରତ): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନସ୍ଥିତ କନଭେନସନ ସେଂଟର ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଯ୍ୟାସ ମିଳିଛି, ଯାହା ରାଜ୍ୟର ଅବଲମ୍ବନରେ ସାମଗ୍ରିକ ବିକାଶ ସହାୟକ ହେବ। ବୁଧବାର ସମ୍ମିଳନୀର ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ରାଜ୍ୟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

ଏହି ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ, ଜାତୀୟ ହାରକୁ ଦୃଷ୍ଟିରେ ରଖି ଆମର ସହରୀକରଣକୁ ଆଗକୁ ନେବାର ଅଛି। ସହରର ଉନ୍ନତି ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ। ତେଣୁ ସହରାଂଚଳ ବିକାଶ ସହିତ ଜଡ଼ିତ ପ୍ରତିଟି କ୍ଷେତ୍ରର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସହରକୁ ବିକାଶର ଇଂଜିନ୍ କରିବାକୁ ପଡ଼ିବ। ଜିଲ୍ଲାର ଆର୍ଥିକ ବିକାଶରେ ସହରୀକରଣର ପ୍ରମୁଖ ଭୂମିକା ରହିଛି। ତେଣୁ ଆଗାମୀ ୫୦ବର୍ଷରୁ ଊର୍ଦ୍ଧ୍ୱକୁ ଦୃଷ୍ଟିରେ ରଖି ସହରର ଯୋଜନାବଦ୍ଧ



ନକ୍ସା ପ୍ରସ୍ତୁତି କରିବାକୁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ବିଭିନ୍ନ ସହରର ଭିଡ଼ କମାଇବା ପାଇଁ ବାଇ-ପାସ୍ ରାସ୍ତା ନିର୍ମାଣ, ସହର ଚତୁର୍ପାଶ୍ୱରେ ରିଂ-ରୋଡ୍ ନିର୍ମାଣ ଉପରେ ପଦକ୍ଷେପ ନେଉଥିବା ସେ ପ୍ରକାଶ କରିଥିଲେ। ଏବେ ବର୍ଜ୍ୟବସ୍ତୁ ପରିଚାଳନା ସହର ପାଇଁ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଥିବା ବେଳେ ଏଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ବଡ ବଡ ରାସ୍ତା ନିର୍ମାଣ ବେଳେ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ବ୍ୟବହାର କରିବା ସଂପର୍କରେ ଯୋଜନା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ରାସ୍ତା ନିର୍ମାଣ ସଙ୍ଗେ ସଙ୍ଗେ ତଦନୁସାରେ ଡ୍ରେନେଜ୍ ବ୍ୟବସ୍ଥା ସହ ବିଦ୍ୟୁତ, ଟେଲିଫୋନ୍, ଗ୍ୟାସ ପାଇପଲାଇନ୍, ପାନୀୟ ଜଳ ସୁବିଧା ପାଇଁ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ। ଅବ୍ୟବସ୍ଥିତ ସହରୀ ଯୋଜନା ଯୋଗୁଁ ଉଦବୃତ ବର୍ଷାଜଳ ନିଷ୍କାସନରେ ବହୁ ସମସ୍ୟା ଉପୁଜୁଛି। ଖାଲଖମା (ପଟହୋଲ) ମୁକ୍ତ ଏବଂ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ସରକାର ଏକ ସ୍ୱତନ୍ତ୍ର ନୀତି ଆଣିବେ, ଯାହା ଫଳରେ ସବୁ ପ୍ରକାର ରାସ୍ତା ସୁବିଧାରେ ଓ ନିୟମିତ ଭାବେ ମରାମତି ହୋଇପାରିବ।

ସହରର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସରଳୀକରଣ କରାଯିବ, ଯଦ୍ୱାରା ନୂଆ ରାସ୍ତା ନିର୍ମାଣ ଓ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ସହଜରେ ହୋଇପାରିବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ପହଁଚିବା ପାଇଁ ବ୍ୟାପକ ସହରୀକରଣର ସଫଳତାର ଆବଶ୍ୟକତା ସଂପର୍କରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. ମହାପାତ୍ର ବସ୍ତିମୁକ୍ତ ସହରୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, କାର୍ଯ୍ୟ ଅନ୍ୱେଷଣରେ ଆସି ବସ୍ତିରେ ବସତି ସ୍ଥାପନ କରୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ ସରକାରଙ୍କ ପ୍ରାଥମିକତା ରହିଛି। ସେମାନଙ୍କୁ ବସ୍ତି ଭଳି ଅସ୍ୱାସ୍ଥ୍ୟକର ପରିବେଶରୁ ବାହାରକୁ ଆଣି ବ୍ୟବସ୍ଥିତ ଢଙ୍ଗରେ ସୁଲଭ ଆବାସ ଯୋଗାଇ ଦେବା ପାଇଁ ଯୋଜନାଭିତ୍ତିକ ବ୍ୟବସ୍ଥା କରାଯାଉଛି।

# ଅକ୍ଟୋବରରେ ୫୮,୭୩୧ ବିନା ଟିକେଟ୍ ଯାତ୍ରୀ ଚିହ୍ନଟ

ଭୁବନେଶ୍ୱର,୨୨।୧୧ (ମହାଭାରତ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନଧିକୃତ ଯାତ୍ରାକୁ ଏଡ଼ାଇବା ପାଇଁ ଏହାର କାର୍ଯ୍ୟକାରୀତା ଏବଂ ସଚେତନତା ପ୍ରୟାସକୁ ସୁଦୃଢ଼ କରିଛି ଯାହା ଦ୍ୱାରା ଅକ୍ଟୋବର ୨୦୨୫ ରେ ବହୁ ସଂଖ୍ୟକ ବିନା ଟିକେଟ୍ ଏବଂ ଅନିୟମିତ ଯାତ୍ରା ମାମଲା ଚିହ୍ନଟ କରାଯାଇଛି। ରେଳମଣ୍ଡଳ ଗୁରୁତ୍ୱାରୋପ କରିଛି ଯେ ବିନା ଟିକେଟ କିମ୍ବା ବୈଧ ଟିକେଟ ବିନା ଟ୍ରେନ ଯାତ୍ରା କରିବା ଦ୍ୱାରା କେବଳ ଦଣ୍ଡ ଲାଗୁ ହୁଏ ନାହିଁ ବରଂ ଯାତ୍ରୀମାନଙ୍କୁ ଅସୁବିଧା ହୁଏ ଏବଂ ଯାତ୍ରା ପରିବେଶକୁ ବିପର୍ଯ୍ୟସ୍ତ କରେ। କେବଳ ଅକ୍ଟୋବର ୨୦୨୫ ରେ, ଟିକେଟ ଉଲ୍ଲଂଘନର ୫୮,୭୩୧ ମାମଲା ଚିହ୍ନଟ ହୋଇଅଛି ଯାହା ଗତ ବର୍ଷ ଅକ୍ଟୋବର ମାସ ତୁଳନାରେ ୫.୪% ଅଧିକ ଅଟେ। ଏପ୍ରିଲରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ, ମୋଟ ଉଲ୍ଲଂଘନ ୪,୪୧,୧୦୬ ମାମଲାକୁ ବୃଦ୍ଧି ପାଇଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ପଞ୍ଜିକୃତ ୪,୦୦,୯୪୬ ମାମଲା ତୁଳନାରେ ୧୦% ଅଧିକ। ବ୍ୟାପକ ଟିକେଟ ଯାଞ୍ଚ ଓ ସଚେତନତା ପ୍ରୟାସ କେବଳ ରାଜସ୍ୱ ସୁରକ୍ଷାକୁ ସୁଦୃଢ଼ କରିନାହିଁ ବରଂ ଯାତ୍ରୀମାନଙ୍କୁ ଅନୁପଯୁକ୍ତ ଯାତ୍ରା ଟିକେଟ କିମ୍ବା ବିନା ଟିକେଟ ଯାତ୍ରା କରିବାକୁ ନିରୁତ୍ସାହିତ କରିଛି, ଯାହା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇ ହେବ। ରେଳମଣ୍ଡଳ ୨୦୨୫ ଅକ୍ଟୋବରରେ ୩,୧୫, ୧୧,୭୭୦ଟଙ୍କା ଜରିମାନା ସଂଗ୍ରହ କରିଛି, ଯାହା ଗତ ବର୍ଷ ତୁଳନାରେ ୨୩% ବୃଦ୍ଧିକୁ ପ୍ରତିଫଳିତ କରୁଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସ ଠାରୁ ଅକ୍ଟୋବର ମାସ ମଧ୍ୟରେ ଜରିମାନା ପରିମାଣ ୨୩,୯୪,୨୩,୬୯୮ ଟଙ୍କାରେ ପହଞ୍ଚିଛି ଯାହା ଅକ୍ଟୋବର ୨୦୨୪ ସୁଦ୍ଧା ଆଦାୟ ହୋଇଥିବା ଜରିମାନା ୧୮,୯୭,୨୯,୦୧୦ ଟଙ୍କା ତୁଳନାରେ ୨୬% ବୃଦ୍ଧିକୁ ଦର୍ଶାଉଛି। ଚଳିତ ଆର୍ଥିକ ବର୍ଷରେ ମୋଟ ୧,୫୮୬ ଟି ଟିକେଟ ଯାଞ୍ଚ ଅଭିଯାନ କରାଯାଇଥିବା ବେଳେ ରେଳମଣ୍ଡଳ ପକ୍ଷରୁ ୨,୧୪୫ ଟି ଟ୍ରେନରେ ମଧ୍ୟ ଟିକେଟ ଯାଞ୍ଚ କରାଯାଇଥିଲା। କଠୋର ତଦାରଖ ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାର୍ବଜନୀନ ଘୋଷଣା, ସୋସିଆଲ ମିଡିଆ ମେସେଜିଂ ଏବଂ ଷ୍ଟେସନ-ସ୍ତରୀୟ ପ୍ରଚାର ମାଧ୍ୟମରେ ବ୍ୟାପକ ସଚେତନତା ଅଭିଯାନ ସର୍ବଦା ଚଳାଇ ଆସୁଛି। ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ. ସମସ୍ତ ଯାତ୍ରୀଙ୍କୁ ଅଯଥା ଅସୁବିଧାକୁ ଏଡାଇବା ଏବଂ ଏକ ଶୃଙ୍ଖଳିତ ଏବଂ ସମ୍ମାନର ସହ ସୁବିଧା ଯୁକ୍ତ ଯାତ୍ରା ପରିବେଶକୁ ଆପଣେଇବା ପାଇଁ ସର୍ବଦା ବୈଧ ଟିକେଟ୍ କିମ୍ବା ଯାତ୍ରା ଅଧିକାର ଦଲିଲ ବହନ କରିବାକୁ ନିବେଦନ କରିଛନ୍ତି।



# ସ୍ମାର୍ଟ ସିଟିରେ ୧ ହଜାର କୋଟି ଖର୍ଚ୍ଚ

ଭୁବନେଶ୍ୱର,୨୨।୧୧ (ମହାଭାରତ): ଭୁବନେଶ୍ୱର ସ୍ମାର୍ଟସିଟିରେ ପ୍ରାୟ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ୨୬ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଏଥିରୁ ଅନେକ ପ୍ରକଳ୍ପରୁ ରାଜଧାନୀବାସୀ ଯେଭଳି ସୁଫଳ ପାଇବା କଥା ତାହା ପାଇପାରୁ ନାହାନ୍ତି। ୨୦୧୫-୧୬ ମସିହାରେ ସ୍ମାର୍ଟସିଟି ମିଶନ ଆରମ୍ଭ ହୋଇଥିବା ବେଳେ ଏଥିରେ ଭୁବନେଶ୍ୱରକୁ ସାମିଲ କରାଯାଇଥିଲା। ଏହି ମିଶନରେ ରାଜଧାନୀ ନୂଆ ରୂପ ନେବବୋଲି ଦର୍ଶାଯିବା ସହିତ ସତ୍ୟନଗରରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ରାଜଧାନୀର ଚେହେରା ବଦଳିବ ବୋଲି ଚିତ୍ର ଦିଆଯାଇଥିଲା। ଏପରିକି ଦେଶର ବଡ ବଡ କମ୍ପାନୀମାନେ ଏଠାରେ ବହୁତଳ ବିଶିଷ୍ଟ ସୌଧ ନିର୍ମାଣ କରିବାର ନକ୍ସା ପ୍ରସ୍ତୁତ ହୋଇଥିଲା। ଇତି ମଧ୍ୟରେ ସ୍ମାର୍ଟ ମିଶନର କାର୍ଯ୍ୟକାଳ ସରିବା ସହିତ ଏହି ଯୋଜନାରେ ପୂର୍ଣ୍ଣଚ୍ଛେଦ ପଡିଛି। ତେବେ ଏଥିରେ କେନ୍ଦ୍ର ସରକାର ଭୁବନେଶ୍ୱର ସ୍ମାର୍ଟସିଟିକୁ ତାଙ୍କର ଅଂଶଧନ ବାବଦରେ ୪୯୦ କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଦେଇଥିଲେ। ଏହି ଯୋଜନାରେ ରାଜଧାନୀରେ ୨୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହିସବୁ ପ୍ରକଳ୍ପ ମଧ୍ୟରେ ରହିଛି ମୋ ସାଇକେଲ ଯୋଜନା, ଟ୍ରାଫିକ ପରିଚାଳନା, ସ୍ମାର୍ଟ ପାର୍କ, ସ୍ମାର୍ଟ ଜନପଥ, ବହୁତଳ ପାର୍କିଂ ବ୍ୟବସ୍ଥା, ଡ୍ରିଙ୍କ୍ ଫ୍ରମ ଟ୍ୟାପ୍, ମୋ ସେବା କେନ୍ଦ୍ର, ଟ୍ରାଫିକ ପୋଷ୍ଟ ଗୁଡିକର ଚେହେରାରେ ପରିବର୍ତ୍ତନ ଆଦି। ତେବେ ଏଥିରୁ ଅଧିକାଂଶ ଏବେ ଅଚଳ କିମ୍ବା ସାଧାରଣ ଲୋକଙ୍କ କାମରେ ଯେଭଳି ଆସିବା କଥା ତାହା ଆସିପାରୁ ନାହିଁ। ସ୍ମାର୍ଟସିଟି ଯୋଜନାରେ ୨୦୧୮ ହକି ବିଶ୍ୱକପ୍ ସମୟରେ ଆରମ୍ଭ ହୋଇଥିବା ମୋ ସାଇକେଲ ଯୋଜନାର ଏକ ପ୍ରକାର ଅକାଳ ମୃତ୍ୟୁ ଘଟିଛି। ମାଳ ମାଳ ବିଦେଶୀ ସାଇକେଲ ଆଣି ସହର ସାରା ରଖାଯାଇଥିଲେ ମଧ୍ୟ ଲୋକେ ଏହାକୁ ଚଳାଇନଥିଲେ। ଏଥିରୁ କେତେ ଚୋରି ହୋଇ ଯାଇଥିବା ବେଳେ ଆଉ କେତେକ ଭାଙ୍ଗିରୁଜି ଯାଇଥିଲା। କିଛି ସାଇକେଲ କବାଡିଆ ଦୋକାନୀକୁ ବିକ୍ରି କରିବା ନେଇ ଥାନା ପର୍ଯ୍ୟନ୍ତ ମାମଲା ଯାଇଥିଲା। ଏବେ ଆଉ ରାଜଧାନୀର ରାସ୍ତାକଡରେ ମୋ ସାଇକେଲ ଦେଖିବାକୁ ମିଳୁନାହିଁ। ସେହିଭଳି ସ୍ମାର୍ଟ ଜନପଥ ନିର୍ମାଣ ଯୋଗୁଁ ରାଜଧାନୀର ରାସ୍ତା ସଙ୍କୁଚିତ ହୋଇଗଲା। ଲୋକେ ଗାଡିମୋଟର ରଖିବାପାଇଁ ହଇରାଣ ହେଲେ। ବହୁତଳୀୟ ଗାଡି ପାର୍କିଂ ନିର୍ମାଣ ହୋଇଥିଲେ ମଧ୍ୟ ଦୋକାନ ବଜାର ଠାରୁ ଏହା ଦୂରରେ ଥିବା ଏବଂ ଦର ବାଧୁଥିବାରୁ ଲୋକେ ସେଠାରେ ଗାଡି ରଖୁ ନାହାନ୍ତି। ସେହିଭଳି ସ୍ମାର୍ଟ ଜନପଥ କଡରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ରଙ୍ଗିନ ବାଉଁଶ ବାଡ ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ଏହା ସ୍ଥାନରେ ଲୁହାବାଡ ଲଗାଇବାକୁ ଯୋଜନା ଚାଲିଛି। ସହରରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଶୌଚାଳୟ ଓ ମୋ ସେବା କେନ୍ଦ୍ର ଅଚଳ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମାର୍ଟ କିଓସ୍କକୁ ବିଜ୍ଞାପନ ଖୁଣ୍ଟ କରିବା ପାଇଁ ନଗର ଉନ୍ନୟନ ବିଭାଗ ସ୍ଥିର କରିଛି। ସ୍ମାର୍ଟସିଟି ମିଶନ ବନ୍ଦ ହେବା ପରେ ପ୍ରକଳ୍ପର କିଭଳି ରକ୍ଷଣା ବେକ୍ଷଣ କରାଯିବ ତାହା ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

## ଆଇଆଇଟି ଦ୍ୱାରା ଋତୁସ୍ରାବ ସ୍ୱାସ୍ଥ୍ୟ ଇନୋଭେସନ୍ ହାକାଥନ

ଭୁବନେଶ୍ୱର,୨୨।୧୧ (ମହାଭାରତ): ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଂଟରପ୍ରିନିୟରସିପ୍ ପାର୍କ, ୟୁନିସେଫ୍ ଓଡ଼ିଶା, ଆୟୁରାରୋଗ୍ୟ ସୌଖ୍ୟମ୍ ଫାଉଣ୍ଡେସନ୍, ଆକ୍ସନଲ୍ୟାବ୍ ୨୦୫୦ ଫାଉଣ୍ଡେସନ୍, ସଫ୍ଟୱେର୍ ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଲାଏନ୍ସର ସହଯୋଗରେ, ଆଇଆଇଟି ଭୁବନେଶ୍ୱରର ଲଳିତଗିରି ଲେକ୍ଚର ହଲ୍ କମ୍ପ୍ଲେକ୍ସରେ ରିଫ୍ଲୋ: ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଇନୋଭେସନ୍ ହାକାଥନ୍ ୨୦୨୫ ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମଧ୍ୟ ସହାୟତା ପ୍ରଦାନ କରିଥିଲା। ଏହା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ବିଷୟବସ୍ତୁ ଉପରେ କେନ୍ଦ୍ରିତ କରି ଆଇଆଇଟି ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଥମ ହାକାଥନ୍ ଥିଲା। ଏହି କାର୍ଯ୍ୟକ୍ରମ ସହଭାଗୀ ସଂଗଠନର ପ୍ରତିନିଧିମାନଙ୍କ ଦ୍ୱାରା ଆୟୋଜିତ ଏକ ଉଦଘାଟନୀ ସମାରୋହ ସହିତ ଆରମ୍ଭ ହୋଇଥିଲା। ରିଫ୍ଲୋ ହାକାଥନର ସଂଯୋଜକ ଏବଂ ଆଇଆଇଟିବିବିଏସ୍ ଆରଇପିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଡକ୍ଟର ସୀମା ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ, ତା'ପରେ ୟୁନିସେଫ୍, ଓଡ଼ିଶାର ୱାସ୍-ସିସିଇଏସ୍ ବିଶେଷଜ୍ଞ ଶ୍ରୀମତୀ ଶିପ୍ରା ସକ୍ସେନା; ଆୟୁରାରୋଗ୍ୟ ସୌଖ୍ୟମ୍ ଫାଉଣ୍ଡେସନ୍‌ର ପରାମର୍ଶଦାତା ବୋର୍ଡର ଅଧକ୍ଷ ପ୍ରଫେସର ପ୍ରବୀଣ ବିଷ୍ଟ; ଆକ୍ସନଲ୍ୟାବ୍ ୨୦୫୦ର ତାପସ ମହାପାତ୍ର; ଭୁବନେଶ୍ୱରର ଇଲେକ୍ଟ୍ରୋପ୍ରେନିଅର୍ ପାର୍କ, ଏସ୍ଟିପିଆଇର ସିଓଓ ସୁଶ୍ରୀ ପୂରବୀ ପୂର୍ଣ୍ଣଶା ମିଶ୍ର; ୟୁନିସେଫ୍ ଓଡ଼ିଶାର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ମୀନା ସୋମଙ୍କ ବକ୍ତବ୍ୟ ରଖିଥିଲେ।

# ରାଇରଙ୍ଗପୁରରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ କରିବାକୁ ଦାବି

ଭୁବନେଶ୍ୱର,୨୨।୧୧ (ମହାଭାରତ): ଭାରତ ସରକାରଙ୍କ ନ୍ୟାସନାଲ୍ ମନ୍ୟୁମେଣ୍ଟସ୍ ଅଥରିଟିର ଅଧକ୍ଷ ପ୍ରଫେସର କିଶୋର ବସା ଏବଂ ତାଙ୍କ ଯମଜ ଭ୍ରାତା ୱାର୍ଲ୍ଡ ଫେଡରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନସ୍ (ଡବ୍ଲ୍ୟୁ.ଏଫ.ଇ.ଓ)ର ଚେୟାର ଷ୍ଟ୍ରାଟେଜିକ୍ ପ୍ଲାନିଂ କମିଟି, ପୂର୍ବତନ ଏକଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ଡବ୍ଲ୍ୟୁ.ଏଫ.ଇ.ଓ ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ପୂର୍ବତନ ଅଧକ୍ଷ ଇଞ୍ଜିନିୟର ଅଶୋକ ବସା ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ଠାରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସାକ୍ଷାତକାର କରିଛନ୍ତି।

ଏହି ସାକ୍ଷାତକାର ସମୟରେ, ପ୍ରଫେସର କିଶୋର ବସା ଓଡିଶାର ସାଂସ୍କୃତିକ ଏବଂ ଆଦିବାସୀ ଉନ୍ନୟନ ସମ୍ପର୍କିତ ବିଭିନ୍ନ ସମସ୍ୟାଗୁଡ଼ିକ ବିଷୟରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଅଧୀନରେ ଏକ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରାଇବାଲ୍ ଡିଭେଲପମେ (ଏନଆଇଟିଡି) ସ୍ଥାପନା ପାଇଁ ସେ ଅନୁରୋଧ କରିଥିଲେ। ରାଇରଙ୍ଗପୁରର ଭୌଗୋଳିକ ଅବସ୍ଥିତି ଏବଂ ଏହା ଓଡିଶା ତଥା ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଆଦିବାସୀ ଜନବହୁଳ ଅଞ୍ଚଳ ହୋଇଥିବା ଯୋଗୁଁ ରାଇରଙ୍ଗପୁର ହିଁ ଏହି ପ୍ରତିଷ୍ଠାନ ପାଇଁ ସବୁଠାରୁ ପ୍ରଯୁଜ୍ୟ ସ୍ଥାନ ହେବ ବୋଲି ପ୍ରଫେସର ବସା ଜଣାଇବା ସହ ଏହି ପ୍ରତିଷ୍ଠାନଟିକୁ ହାଇଦ୍ରାବାଦର ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ଡିଭେଲପମେ ମଡେଲରେ ଗଢାଯିବା ନିମନ୍ତେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ପ୍ରଫେସର ବସା ଝୁମର ସଙ୍ଗୀତ ଓ ନୃତ୍ୟର ସାଂସ୍କୃତିକ ସଂରକ୍ଷଣ ପ୍ରସଙ୍ଗରେ ମଧ୍ୟ ମାନ୍ୟବର ରାଷ୍ଟ୍ରପତିଙ୍କ ଧ୍ୟାନ ଆକର୍ଷିତ କରିଥିଲେ। ଝୁମରକୁ ଗୁରୁତ୍ୱପୂର୍ଣ୍ଣ ଅଅବ୍ୟକ୍ତ ସାଂସ୍କୃତିକ ଐତିହ୍ୟ (ଇଣ୍ଟାଞ୍ଜୀବଲ କଲଚୁରାଲ ହେରିଟେଜ) ଭାବେ ସ୍ୱୀକୃତି ମିଳିଛି। ଏହା ଓଡିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ବିଶାଳ ଭୌଗୋଳିକ ଅଞ୍ଚଳର ଆଦିବାସୀ ଓ ଅନ୍ୟାନ୍ୟ ସମୁଦାୟଙ୍କ ସାଂସ୍କୃତିକ ଏକତାର ପ୍ରତୀକ। ସେ ମୟୁରଭଞ୍ଜ ଜିଲ୍ଲାର ବାରିପଦା ଠାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଏକ ନ୍ୟାସନାଲ୍ ସେଣ୍ଟର୍ ଫର୍ ଝୁମର ସ୍ଥାପନା ପାଇଁ ଅନୁରୋଧ କରିଥିଲେ। ଏହା ସହ ଖିଚିଙ୍ଗ ସ୍ଥିତ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟକୁ ଭାରତ ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ (ଏଏସଆଇ) ଅଧୀନକୁ ଆଣିବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଯାହା ମାଧ୍ୟମରେ ଉତ୍ତମ ସଂରକ୍ଷଣ, ପ୍ରଦର୍ଶନୀକରଣ ଓ ପ୍ରଚାର ସମ୍ଭବ ହେବ। ବର୍ତ୍ତମାନ ଏହି ସଂଗ୍ରହାଳୟଟି ଓଡିଶା ସରକାର ଅଧୀନରେ ରହିଛି। ସାକ୍ଷାତକାର ସମୟରେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଜଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାକୁ ଏସ.ଡ଼ି.ଜି. ଲକ୍ଷ୍ୟ ୬, ୧୧, ୧୩ ଓ ୧୪ ରେ ସ୍ଥାନ ଦେବା ସହିତ ମିଳିତ ଜାତିସଂଘ 'ୱାଟର୍ ଆକ୍ସନ୍ ଡେକେଡ଼ ୨୦୧୮-୨୦୨୮' କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜଳ ସଂକଟ, ଜଳ ବ୍ୟବହାର ପ୍ରବନ୍ଧନ ଓ ସମନ୍ୱିତ ଜଳ ସମ୍ପଦ ପ୍ରବନ୍ଧନ ନିମନ୍ତେ ଜନ ସଚେତନତା ସୃଷ୍ଟି ପାଇଁ ଏହି ପଦକ୍ଷେପ ଗ୍ରହଣ ହୋଇଥିବା ସେ ଉଲ୍ଲେଖ କରିଥିଲେ।



# ବାଂଲାଦେଶରୁ ଅନୁପ୍ରବେଶ

କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ;ୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ମୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ୍ୟ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ୍ୟ କରୁଛନ୍ତି।

"

*ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ।*

# ଶ୍ରୀରାମ ମନ୍ଦିର, ରାଷ୍ଟ୍ରମନ୍ଦିର

**॥ ବୁଦ୍ଧଦେବ ବାଘ ॥**

ବର୍ତ୍ତମାନ୍ ସାରା ଭାରତରେ ଖୁସିର ଲହରୀ ଖେଳିଯାଇଛି । କାରଣ ଦୀର୍ଘ ୫୦୦ ବର୍ଷର ସଙ୍ଘର୍ଷ ଓ ଅପେକ୍ଷା ପରେ ଅଯୋଧ୍ୟାରେ ଶ୍ରୀରାମଙ୍କ ଜନ୍ମଭୂମିରେ ରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠା ହେବା ସହିତ ମନ୍ଦିର ତିଆରି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଏ ସଙ୍ଘର୍ଷ ଆରମ୍ଭ ହେଲା ୧୮୦୦ ମସିହାରେ ଯେତେ ବେଳେ ଉପସ୍ଥିତ ମନ୍ଦିରକୁ ଭାଙ୍ଗି ତା ଉପରେ ବାବ୍ରୀ ମସଜିଦ ତିଆରି କରାଗଲା । ବିଦେଶୀ ଶାସକ ମାନେ ଭାରତକୁ ଆସି ଦେଖିଲେ ଯେ ହିନ୍ଦୁ ମାନଙ୍କ ମଧ୍ୟରେ ଯୁଦ୍ଧ , ସଙ୍ଘର୍ଷ ଓ ପ୍ରତିଯୋଗିତା ବିଶେଷ ନାହିଁ । ଏହାର ମୂଳ କାରଣ ହେଉଛି ସମାନ ସଂସ୍କୃତି । ଭିନ୍ନ ଭିନ୍ନ ପୂଜା ପଦ୍ଧତି ଓ ବିବିଧତା ଥିବା ସତ୍ତ୍ୱେ ମଧ୍ୟ ଏକ ବିଚାର ଏକ ଚିନ୍ତନରେ ଭାରତୀୟ ମାନେ ରହୁଛନ୍ତି । ତେବେ ଏହାର ମୂଳ କାରଣ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଓ ମାଟିକୁ ମା ବୋଲି ମାନିବା ବୋଲି ବିଦେଶୀ ମାନେ ବୁଝିଲେ ଏବଂ ଆମକୁ ଶାସନ କରିବା ପାଇଁ ଆମର ସଂସ୍କୃତି ପରମ୍ପରା ଉପରେ ଆଘାତ କରିବା ଆରମ୍ଭ କଲେ ।

ବାବର୍ କାବୁଲ ଠାରୁ ଅବଧ ଅର୍ଥାତ ଆଜିର ଅଯୋଧ୍ୟା ୧୮ ତମ ଶତାବ୍ଦୀରେ ସୁଫି ସନ୍ଥ ଭାବେ ଆସିଲେ । ପରବର୍ତ୍ତୀ ସମୟରେ ନିଜର ସେନାପତି ମୀର ବାକୀକୁ ଅଯୋଧ୍ୟା ସ୍ଥିତ ରାମ ମନ୍ଦିର ଭାଙ୍ଗି ତା ଉପରେ ମସଜିଦ ତିଆରି କରିବା ପାଇଁ ଆଦେଶ ଦେଲେ । ହିନ୍ଦୁ ମାନଙ୍କ ମଧ୍ୟରେ ସଦଗୁଣ ବିକୃତି ଓ ସହନ ଶିଳତା ତଥା ରାଜା ରାଜା ମଧ୍ୟରେ ଭିନ୍ନ ମତ ଥିବା କାରଣରୁ ମିର ବାକୀ ସଫଳ ହେଲେ ଓ ଏହି ମସଜିଦ କୁ ବାବ୍ରୀ ମସଜିଦ ନାମ ଦିଆଗଲା । ସେହି ଦିନଠାରୁ ଆମର ସଙ୍ଘର୍ଷ ନିଜର ଅସ୍ତିତ୍ୱ ଓ ନିଜର ସଭ୍ୟତା ରକ୍ଷା ପାଇଁ ଆଜି ପର୍ଯ୍ୟନ୍ତ ଚାଲି ଆସିଛି ।

୧୯୫୦-୬୦ ଭିତରେ ଅନେକ ଆନ୍ଦୋଳନ ଓ ସଙ୍ଘର୍ଷ ଶ୍ରୀରାମ ମନ୍ଦିରର ପୁନଃ ନିର୍ମାଣ ପାଇଁ ଆରମ୍ଭ ହେଲା ଓ ଜନ୍ମ ନେଲା ହିନ୍ଦୁ ଚେତନା ଜାଗ୍ରତ କରିବା ପାଇଁ ଏକ ସଂଗଠନ ଯାହାକୁ ଆଜି ଆମେ ବିଶ୍ୱ ହିନ୍ଦୁ ପରିଷଦ ନାମରେ ଜାଣି ଥାଉ । କିନ୍ତୁ ୧୯୦୦ ମସିହାରେ ଏହି ସଂଗ୍ରାମ ଉଗ୍ର ରୂପ ନେଲା ଅର୍ଥାତ ଏହା ଏକ ଜନ ଆନ୍ଦୋଳନ ରୂପରେ ରୂପାନ୍ତରିନ୍ତ ହେଲା ଓ ସାରା ଦେଶରୁ ସଂଗ୍ରାମୀ ମାନେ କାର ସେବା କରିବା ପାଇଁ ଅର୍ଥାତ ମନ୍ଦିର ତିଆରି ପାଇଁ ଅଯୋଧ୍ୟା ଆସିଲେ। ତତ୍କାଳୀନ ସରକାରଙ୍କ ପୋଲିସ ଦ୍ୱାରା ଗୁଳି ଚାଳନା ହେଲା ଶତାଧିକ ସଂଗ୍ରାମୀ ଜୀବନ ଦେଲେ କିନ୍ତୁ କେହି ହାର ମାନିଲେ ନାହିଁ ଏବଂ ଡିସେମ୍ବର ୬ ୧୯୯୨ ରେ ବାବରୀ ମସଜିଦ ଭାଙ୍ଗି ଦିଆଗଲା ବା ସଂଗ୍ରାମୀ ମାନଙ୍କ ଭାଷାରେ ଏକ ଦୀର୍ଘ ସମୟର କଳଙ୍କ କୁ ଆମ ମୁଣ୍ଡରୁ ପୋଛି ଦିଆଗଲା ।

ଦେଶ ସମ୍ବିଧାନ ଦ୍ୱାରା ଚାଲେ ତେଣୁ ୨୦୧୦ ରେ ଏହି ସମସ୍ୟା ଆଲାହାବାଦ ଉଚ୍ଚ ନ୍ୟାୟାଳୟ ପାଖକୁ ଆସିଲା । ବିଭିନ୍ନ ପ୍ରମାଣ ଓ ବୈଜ୍ଞାନିକ ତଥ୍ୟ ତଥା Archeological Survey of India ଦ୍ୱାରା ପ୍ରସ୍ତୁତ ତଥ୍ୟର ଆଧାରରେ ଉଚ୍ଚ ନ୍ୟାୟାଳୟ ସେପ୍ଟେମ୍ବର ୯ ୨୦୧୦ ରେ ସେହି ସ୍ଥାନକୁ ତିନି ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସେହି ଥିରୁ ଏକ ଭାଗ ଯାହା ବାସ୍ତବିକ୍ ଭାବରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଥିଲା ତାହା ହିନ୍ଦୁ ମାନଙ୍କୁ ଦିଆଗଲା ଓ ମନ୍ଦିର ତିଆରି ପାଇଁ ଆଦେଶ ହେଲା । କିନ୍ତୁ ଧର୍ମ ବିରୋଧୀ ବ୍ୟକ୍ତି ମାନେ ଏହି ମାମଲା କୁ ସର୍ବୋଚ୍ଚ ନ୍ୟାୟାଳୟକୁ ନେଇଗଲେ । କିନ୍ତୁ ଅପେକ୍ଷାର ଅନ୍ତ ଘଟି ନଭେମ୍ବର ମାସ ୯ ତାରିଖ ୨୦୨୯ ରେ ଦେଶର ମୁଖ୍ୟ ବିଚାର ପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ଦେଲେ । ଏହାକୁ ଏକ ଟ୍ରଷ୍ଟ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ଦିଆ ଯାଉଥିବାରୁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ତିଆରି ହେଲା ଓ ଏହା ମାଧ୍ୟମରେ ନିଧି ସମର୍ପଣ ଅଭିଯାନ ମାଧ୍ୟମରେ ଜନ ସମାଜକୁ ଆର୍ଥିକ ସହଯୋଗ ମାଗିଲେ ଓ ଫଳ ସ୍ୱରୂପ ମନ୍ଦିରର ନିର୍ମାଣ ସାଧାରଣ ଜନତାଙ୍କ ଦ୍ୱାରା ନିର୍ମିତ ହେବାକୁ ଯାଉ ଅଛି ।

ତେବେ ଏହି ଶ୍ରୀରାମ ମନ୍ଦିର ସମ୍ବେଦନଶୀଳ ବିଷୟ ହେଲା କେମିତି ?କାହିଁକି ପ୍ରଭୁ ଶ୍ରୀରାମ ହିନ୍ଦୁଙ୍କ ଚେତନା ସହିତ ଜଡିତ ?

ଏହାର ଉତ୍ତର ବହୁ ସରଳ ତାହା ହେଉଛି ପ୍ରଭୁ ଶ୍ରୀରାମ ଭଗବାନ ହେବା ସତ୍ତ୍ୱେ ମାନବ ଜୀବନ ଅତିବାହିତ କରିବା ସହିତ ନିଜର ଜୀବନ ଶୈଳୀ ମାଧ୍ୟମରେ ଚରିତ୍ର ନିର୍ମାଣର ପରିକଳ୍ପନା ଏକ ଦର୍ଶନ ମାଧ୍ୟମରେ ଦର୍ଶାଇ ଛନ୍ତି । ଭାରତରେ ଦୀର୍ଘ କାଳରୁ ଶିବ ଭକ୍ତ ଅର୍ଥାତ ଶୈବ ଓ ବିଷ୍ଣୁ ଭକ୍ତ ଅର୍ଥାତ ବୈଷ୍ଣବ ମାନଙ୍କ ମଧ୍ୟରେ ମତାନ୍ତର ରହି ଥାଏ । କିନ୍ତୁ ପ୍ରଭୁ ଶ୍ରୀରାମଙ୍କ ଜୀବନରେ ଦେଖିବାକୁ ମିଳେ ଯେ ପ୍ରଭୁ ଶ୍ରୀରାମ ନିଜେ ବିଷ୍ଣୁ ଅବତାର ହୋଇଥିବା ପରେ ମଧ୍ୟ ଶିବଙ୍କ ପୂଜା କରି ରାମେଶ୍ୱରମର ସ୍ଥାପନା କରନ୍ତି ଓ ଭଗବାନ ଶିବ ମାରୁତି ରୂପରେ ଆସି ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଭାବେ ବିବେଚିତ ହୁଅନ୍ତି । ତ୍ୟାଗ ,ତପସ୍ୟା ଓ ମର୍ଯ୍ୟାଦାର ପ୍ରତୀକ ଶ୍ରୀରାମଙ୍କ ଜୀବନ ମୋ ମତରେ ଯୁବକ ମାନଙ୍କ ପାଇଁ ପ୍ରେରଣା ହେବା ଦରକାର । ଆଜିର ସମାଜରେ ପାଇବା ପାଇଁ ସମସ୍ତ ଝଗଡ଼ା ଓ ଯୁଦ୍ଧ ହୁଏ ମନ ମାଳିନ୍ୟ ହୁଏ । ଛାତ୍ର ପରୀକ୍ଷାରେ ବିଫଳ ହେଲେ ଆତ୍ମ ହତ୍ୟା କରିବା ପାଇଁ ଆଜି ଆଗେଇ ଯାଉଛନ୍ତି । ରାଜନୀତି କରୁଥିବା ବ୍ୟକ୍ତି ତାଙ୍କ ମତରେ ଥିବା ଉଚିତ୍ ପଦ ପାଇବା ପାଇଁ ବିଭିନ୍ନ କଳ ବଳର ବ୍ୟବହାର କରୁଛନ୍ତି । କିନ୍ତୁ ଚିନ୍ତା କରନ୍ତୁ ବିଶ୍ୱର ରାଜଧାନୀ ଭାବେ ମାନ୍ୟତା ପାଇଥିବା ଅଯୋଧ୍ୟାର ରାଜା ହେବା ପାଇଁ ରାମଙ୍କୁ ମନା କରି ଦିଆ ହେଲା । କେବଳ ବାପାଙ୍କ ବଚନ ରକ୍ଷା ପାଇଁ ପ୍ରଭୁ ଶ୍ରୀରାମ ବନବାସ ବାଛି ନେଲେଯତାଙ୍କୁ ସେହି ସମୟରେ ସମସ୍ତେ କହିଲେ ଯେ ତମେ ସେନାପତି ବିଦ୍ରୋହ ପ୍ରଭୁ ଶ୍ରୀରାମ କହିଲେ ମତେ ବାପା କାନନ ରାଜୁ ଦେଇଛନ୍ତି ଅର୍ଥାତ ଜଙ୍ଗଲର ରାଜା ହେବା ପାଇଁ ଦାୟିତ୍ୱ ଦେଇଛନ୍ତି ଓ ଏହା ମୋ ପାଇଁ ଏକ ଉପହାର। ଯେତେ ବେଳେ ସୀତା ମାତାଙ୍କ ଅପହରଣ ହେଲା ପ୍ରଭୁ ଶ୍ରୀରାମ କିସ୍କିନ୍ଧାରେ ଥିଲେ ୟତାଙ୍କର ମାମୁ ଘର କୋଶଳ ପ୍ରଦେଶ ପାଖ ରେ ଥିଲା, ସେ ଅଯୋଧ୍ୟାର ସୈନିକ ପାଇଁ ମଧ୍ୟ ନିବେଦନ କରି ପାରି ଥାନ୍ତେ କିନ୍ତୁ ସେ ବାନର ସମାଜ ଅର୍ଥାତ୍ ଜନଜାତି ସମାଜର ସହଯୋଗ ନେଲେ ଓ ସାମାଜିକ ସମରସତାର ବାର୍ତ୍ତା ଦେଲେ । ସେ ସର୍ବ ପ୍ରଥମେ ବଣରେ ରହିବା ପାଇଁ ରାଜା ନିଶାଦ ଓ ନଦୀ ପାରି ହେବା ପାଇଁ କୈବର୍ତ୍ତଙ୍କ ସହଯୋଗ ନେଲେ। ସମାଜରେ ସମସ୍ତେ ଭିନ୍ନ ଭିନ୍ନ କାର୍ଯ୍ୟ କରନ୍ତି ,ଭିନ୍ନ ପୂଜା ପଦ୍ଧତି ଅବଲମ୍ବନ କରନ୍ତି,ଭିନ୍ନ ଭିନ୍ନ ଜୀବନ ଶୈଳୀ ମଧ୍ୟ ସମସ୍ତଙ୍କର ଅଛି କିନ୍ତୁ ସମସ୍ତେ ଆମେ ଏକ ଏବଂ ସମସ୍ତଙ୍କ ସହଯୋଗରେ ରାଷ୍ଟ୍ରର ନିର୍ମାଣ ହେବ ଏହା ଶ୍ରୀରାମ ନିଜ ଜୀବନ ଚରିତ୍ରରେ ଦର୍ଶାଇଛନ୍ତି । ଏହି ପ୍ରକ୍ରିୟାରେ ଭରତ ଚାହିଁ ଥିଲେ ରାଜା ହୋଇ ପାରି ଥାନ୍ତେ କିନ୍ତୁ ସେ ମଧ୍ୟ ସିଂହାସନ ତ୍ୟାଗ କରି ସନ୍ୟାସୀ ଭାବରେ ଜୀବନ ଯାପନ କଲେ ।ଥରେ ମା କୌଶଲ୍ୟା ମଧ ରାତ୍ରୀରେ ଭ୍ରମଣ କରୁଥିଲେ ତାଙ୍କୁ ହଠାତ୍ ପାଦ ଓ ପାଉଁଜିର ଶବ୍ଦ ହେଲା । ସେ ଯାଇ ଦେଖିଲା ବେଳକୁ ଶତୃଘ୍ନଙ୍କ ସ୍ତ୍ରୀ ଆଖିରେ ଲୁହ ଧରି ଚାଲିଛନ୍ତି । ମା ପଚାରିଲେ କଣ ଶତ୍ରୁଘ୍ନ ତମ ସାଙ୍ଗରେ ରହୁ ନାହିଁ ସେ କହିଲେ ଯେଉଁ ଦିନ ଠୁ ଭରତ ଚିତ୍ରକୁଟ ରେ ପାଦୁକା ପୂଜା କରି ସନ୍ୟାସୀ ଜୀବନ ଯାପନ କରୁଛନ୍ତି ସେହି ଦୀନ ଠାରୁ ଅଯୋଧ୍ୟାର ସୀମାରେ ଶତ୍ରୁଘ୍ନ ପହରା ଦେଉଛନ୍ତି । ତେବେ ଭାଇ ଆଉ ମାତୃଭୂମି ପାଇଁ ଏଭଳି ତ୍ୟାଗ କେବଳ ଭାରତ ଭୂମିରେ ଓ ପ୍ରଭୁ ଶ୍ରୀରାମଙ୍କ ବଂଶଜଙ୍କ ମଧ୍ୟରେ ଦେଖିବାକୁ ମିଳେ । ମାତା ଶବରୀଙ୍କ ଅଇଁଠା ଖାଇବା ,ରାଜା ନିଶାଦଙ୍କ ସହିତ ମିତ୍ର ସ୍ଥାପନ କରିବା ଏହି ସବୁ ହେଉଛି ଜାତିବାଦ ଉର୍ଦ୍ଧ୍ୱରେ ରହି ସମାଜକୁ ଏକ ଧାରାରେ ଯୋଡିବା ଓ ସାମାଜିକ ସମରସତାର ସନ୍ଦେଶ ଦେବା ହିଁ ଶ୍ରୀରାମଙ୍କ ମୂଳ ଲକ୍ଷ୍ୟ ।

ପ୍ରଭୁ ଶ୍ରୀରାମ ପ୍ରଜାଙ୍କ ମନରେ ପ୍ରଶ୍ନ ଆସିବାରୁ ମାତା ସୀତାଙ୍କୁ ପୁଣି ଥରେ ଜଙ୍ଗଲ ଯିବା ପାଇଁ ଆଦେଶ ଦେଲେ । ଏହି ଭଳି ତ୍ୟାଗ ସମାଜ ପାଇଁ କିଏ ବା କରିବ । ଯେତେବେଳେ ରାବଣ ଯୁଦ୍ଧ ପାଇଁ ଆସିଲେ ବିଭୀଷଣ ଭୟଭୀତ ହେଲେ ରାମ ଚରିତ ମାନସରେ ଲେଖା ହୋଇଛି ରାବଣ ରଥି ବିରଥ ରଘୁବିରା ଦେଖୁ ବିଭୀଷଣ ଭୟଯୁ ଅଧିରା ପ୍ରଭୁ ଶ୍ରୀରାମ ଏହାର ଉତ୍ତରରେ କହିଲେ ଧିରଜ ସୋରଜ୍ ତେହି ରଥ ଚକା

ବଳ ବିବେକ ଦୃଢ଼ ଧ୍ୱଜା ପତାକା
ସତ୍ୟ ଦମ୍ଭ ଶୀଳ ପରହିତ ଘୋଡେ
ଦୟା କ୍ଷମା କୃପା ହୁଁ ରଜ ଯୋଡେ

ଅର୍ଥାତ୍ ଦୋହାରେ ବର୍ଣ୍ଣିତ ଯେ ଧର୍ଯ୍ୟ ଓ ସୌର୍ଯ୍ୟ ମୋର ଚକ,ସତ୍ୟ ଦମ୍ଭ ଓ ଚରିତ୍ର ପରହିତ ମୋ ଘୋଡ଼ା, ଦୟା, କ୍ଷମା,କୃପା ମୋର ଲଗାମ। ଏହି ସବୁ ଗୁଣ ଥିବା ବ୍ୟକ୍ତି ସମ୍ମୁଖରେ ଯେତେ ଶକ୍ତି ଶାଳୀ ଶତ୍ରୁ ଥିଲେ ମଧ୍ୟ ହାରିବ ନାହିଁ ବୋଲି ବ୍ୟାଖ୍ୟା କରିଛନ୍ତି । ଆଜିର ଯୁବ ସମାଜ ଡିପ୍ରେଶନ ଭଳି ସମସ୍ୟାର ସାମ୍ନା କରୁଅଛି କିନ୍ତୁ ଅଙ୍ଗଦ ନିଜ ବାପାଙ୍କ ମୃତ୍ୟୁରେ ବିଚଳିତ ଥିବା ସତ୍ତ୍ୱେ ତାଙ୍କୁ ରାଜଦୂତ କରି ପଠାଇବା ଓ ପ୍ରେରଣା ଦ୍ୱାରା ସମ୍ବାଦ କେମିତି କରା ଯାଏ ଶିଖାଇବା ପ୍ରଭୁ ଶିରାମଙ୍କର ମାର୍ଗଦର୍ଶନର ଶକ୍ତିର ବର୍ଣ୍ଣନା କରୁଅଛି । ମର୍ଯ୍ୟାଦାରେ ରହିବା କଥା ସମସ୍ତେ କୁହନ୍ତି କିନ୍ତୁ ମର୍ଯ୍ୟାଦାରେ କେମିତି ରହିବା କଥା ତାହା ଶ୍ରୀରାମଙ୍କ ଜୀବନ କାହାଣୀରୁ ଜଣା ପଡୁଥାଏ ।

ସମ୍ବଲପୁର, ୯୩୩୭୦୯୭୪୪୫

# ଶକ୍ତିର ବିନିଯୋଗ ଅପେକ୍ଷା ସଂରକ୍ଷଣ ଜରୁରୀ

**॥ ଗୋପୀନାଥ ଦାଶ ॥**

ଶକ୍ତି ବିନିଯୋଗ କ୍ଷେତ୍ରରେ ମୂର୍ଖତା ଓ ଅସାବଧାନତା ହେତୁ ଶକ୍ତି ସଂକଟ ମାନବ ସଭ୍ୟତା ପାଇଁ ଆମନ୍ତ୍ରଣ କରୁଛି ଆସନ୍ନ ବିପଦ। ପ୍ରତି ମୁହୂର୍ତ୍ତରେ ଶକ୍ତି ଉପରେ ନିର୍ଭର କରୁଥିବା ଉତ୍ତାନପାଦ ମଣିଷକୁ ଶେଷରେ ଶକ୍ତି ସଙ୍କଟରୂପୀ ବାମନ କରିଦେବ ପାତାଳଗାମୀ। ଦେଶର ଜାତୀୟ ଅର୍ଥନୈତିକ କାର୍ଯ୍ୟପନ୍ଥାର ବିକାଶ ପାଇଁ ଶକ୍ତି ଏକ ବଳିଷ୍ଠ ଉପାଦାନ। ବିଶ୍ୱର ପ୍ରତିଟି ରାଷ୍ଟ୍ରରେ ଉଦ୍‌ବେଗ ଦେଖାଯାଉଛି ଯେ ଏହି ଶତାବ୍ଦୀ ମଧ୍ୟରେ ଅନେକ ଶକ୍ତିର ଉତ୍ସ ବିଶେଷ କରି ଜୀବାଶ୍ମ ଜାଳେଣିର ଉତ୍ସ ସବୁ ଶେଷ ହୋଇଯିବ। ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅଧିକ ପ୍ରାଚୁର୍ଯ୍ୟତା ଓ ପୋଷଣୀୟ ଶକ୍ତି ଉତ୍ସର ସନ୍ଧାନ ଏକାନ୍ତ ଜରୁରୀ ହୋଇପଡ଼ିଛି। ଉନ୍ନତ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଅମାପ ସୌରଶକ୍ତିକୁ ଉପଯୋଗ କରାଯାଇ ସବୁଜଶକ୍ତି ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେବ। ପବନ ଶକ୍ତିକୁ ବିନିଯୋଗ କରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବ୍ୟବସ୍ଥା କରାଯାଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ଶକ୍ତି ସ୍ୱାବଲମ୍ବୀ କରିବାକୁ ପଡ଼ିବ। ସାମୁଦ୍ରିକ ଜଳରାଶି ଶଯ୍ୟାର ଅମାପଶକ୍ତିକୁ ଉପଯୋଗ କରାଯାଇପାରିଲେ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ଶକ୍ତି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ। ଅନ୍ୟ ପକ୍ଷରେ ଶକ୍ତିର ନବୀକରଣ ଅକ୍ଷମ ଉତ୍ସ ଗୁଡିକ କାଳକ୍ରମେ ନିଶେଷ ହୋଇଯିବ। ଏଗୁଡ଼ିକର ଉଚିତ ବ୍ୟବହାର ଦ୍ୱାରା ଉତ୍କଟ ଶକ୍ତି ସଂକଟ ସୃଷ୍ଟିର ସମ୍ଭାବନାକୁ ବହୁ ମାତ୍ରାରେ ଏଡାଯାଇପାରିବ। ଏହି ଶକ୍ତି ଉତ୍ସଗୁଡ଼ିକୁ ବ୍ୟବହାର କରିବା ସମୟରେ ମିତବ୍ୟୟିତା ଅବଲମ୍ବନ କରିବା ନିତାନ୍ତ ଜରୁରୀ। ଦିନକୁ ଦିନ ମଣିଷର ଶକ୍ତି ଚାହିଦା ବଢୁଛି। ଅନବୀକରଣ ଶକ୍ତି ଦିନେ ନା ଦିନେ ସରିଯିବ। ତେଣୁ ଆଗାମୀ ଦିନକୁ ଆଖି ଆଗରେ ରଖି ବିଜ୍ଞାନୀମାନେ ବିକଳ୍ପ ଶକ୍ତିର ସନ୍ଧାନରେ ଲାଗିଛନ୍ତି। ପେଟ୍ରୋଲିୟମର ବ୍ୟବହାର କମାଇବା ପାଇଁ ପେଟ୍ରୋଲ ବଦଳରେ ଇଥାନଲ ବ୍ୟବହାର ହେଲାଣି। ଇଲେକ୍ଟ୍ରିକ୍ କାର, ସୌରଚାଳିତ କାରମାନଙ୍କର ବ୍ୟବହାର ଆରମ୍ଭ ହୋଇଗଲାଣି। ସଂପ୍ରତି ବିଜ୍ଞାନୀମାନେ ଏହି ପେଟ୍ରୋବୃକ୍ଷର ସନ୍ଧାନ ପାଇଲେଣି। ଏହି ପେଟ୍ରୋବୃକ୍ଷ ମାନଙ୍କରୁ ନିଃସୃତ କ୍ଷୀର ପେଟ୍ରୋଲରେ ମିଶାଇଲେ ଅଳ୍ପ ପେଟ୍ରୋଲ ଖର୍ଚ୍ଚ ହେବ। ଆଗାମୀ ଦିନରେ ବିକଳ୍ପ ଶକ୍ତି ହେବ ସୌରଶକ୍ତି। ଆଗାମୀ ୨୦୨୪ ମସିହା ସୁଦ୍ଧା ଭାରତ ଏକଲକ୍ଷ ମେଗାୱାଟ ସୌରଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ନିଶ୍ଚିତ ଭାବେ ଏକ ଶୁଭସୂଚନା। ସୌରଶକ୍ତିର ଉପଯୁକ୍ତ ବ୍ୟବହାର ଓ ବିନିଯୋଗ ହୋଇପାରିଲେ ମଣିଷର ଶକ୍ତି ସଂକଟ ଅନେକଟା ଲାଘବ ହୋଇପାରିବ। ଅନ୍ୟ ବିକଳ୍ପ ଶକ୍ତିର ଉତ୍ସ ଏକ ସନ୍ଧାନ ସାପେକ୍ଷ। ଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ। ସେହିପରି ଶକ୍ତି ବିନା ଆଧୁନିକ ଜୀବନଯାପନ ଅସମ୍ଭବ। ଶକ୍ତି ଯୋଗୁଁ ଆଧୁନିକ ମଣିଷ ସମସ୍ତ ପ୍ରକାରର ସୁଖ ସମ୍ଭୋଗ ପାଇପାରୁଛି। ବିନା ଶକ୍ତିରେ ମାନବ ସଭ୍ୟତା ଅସମ୍ଭବ ପରି ଲାଗୁଛି। ଗୋଟିଏ ଦେଶର ଅର୍ଥନୈତିକ ପ୍ରଗତିର ମୁଖ୍ୟଭିତ୍ତି ହେଉଛି ଶକ୍ତି। ଶକ୍ତି ଉତ୍ପାଦନ ପାଇଁ ଭାରତରେ ବହୁଳ ଭାବରେ କୋଇଲା ବ୍ୟବହୃତ ହୁଏ। ଘରେ ଜାଳେଣୀ ଠାରୁ ଆରମ୍ଭ କରି କଳକାରଖାନା ଓ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନ ବ୍ୟବହୃତ ହୁଏ। ଅଧିକ ମାତ୍ରାରେ କୋଇଲା ଜାଳିବା ଦ୍ୱାରା ସହରମାନଙ୍କରେ ବାୟୁ ପ୍ରଦୂଷଣ ଅଧିକ ପରିମାଣରେ ହେଉଛି। ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। କୋଇଲା ଜାଳିବା ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଛି। ଆଧୁନିକ ସହରଗୁଡ଼ିକ ତାପଦ୍ୱୀପରେ ପରିଣତ ହେଲାଣି। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳର ତାପମାତ୍ରା ୦.୬ରୁ ୧.୩ ଡିଗ୍ରୀ ଅଧିକ। ଏହାର ପ୍ରଭାବରେ ସହରାଞ୍ଚଳରେ ସୂକ୍ଷ୍ମ ଜଳବାୟୁରେ ପରିବର୍ତ୍ତନ ଅନୁଭୂତ ହେଉଛି।

କେବଳ ଶକ୍ତି ଉତ୍ପାଦନ ଓ ବ୍ୟବହାର ଦ୍ୱାରା ପ୍ରାୟତଃ ୮୦% ପ୍ରଦୂଷଣ ତଥା ୮୮% ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ ପାଇଁ ଦାୟୀ। ମଣିଷର ଯେ କୌଣସି କ୍ରିୟାକଳାପ ଠାରୁ ଏହା ବେଶୀ ପରିମାଣରେ ପରିବେଶର କ୍ଷତିକାରକ। ଗୋଟିଏ ଲିଟର ପେଟ୍ରୋଲ ଜଳିଲେ ତାର ୨.୫ ଗୁଣ ଅଙ୍ଗାରକାମ୍ଳ ସୃଷ୍ଟି କରିଥାଏ। ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁଁ ଗ୍ରୀନ୍ ହାଉସ ପ୍ରଭାବ ଓ ଗ୍ଲୋବାଲ ୱାର୍ମିଂ ଭଳି ନୂତନ ସମସ୍ୟାମାନ ମୁଣ୍ଡ ଟେକୁଛି। ଫଟୋ କେମିକାଲ ସ୍ମଗ୍ ସୃଷ୍ଟି ଫଳରେ ଦିଲ୍ଲୀ, କୋଲକାତା ପରି ବଡ଼ ବଡ଼ ସହରମାନଙ୍କରେ ଦିନ ଦିନ ବ୍ୟାପୀ କୁହୁଡ଼ି ଢ଼ାଙ୍କି ରହୁଛି। ଦୈନନ୍ଦିନ ମାତ୍ରାଧିକ ସଂଖ୍ୟକ ଗାଡ଼ିମଟର ଚଳାଚଳ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷଣ ମାତ୍ରା ବୃଦ୍ଧି ଘଟୁଛି। ତେଣୁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ସବୁଠାରୁ ଉତ୍ତମ। ଗୋଟିଏ ବସ୍ ବ୍ୟବହାର ଦ୍ୱାରା ରାସ୍ତାରୁ ୪୦ଟି ଛୋଟ ଗାଡ଼ି ବ୍ୟବହାର ହ୍ରାସ କରେ। ୨୦ ଲିଟର ତେଲ କମ୍ ଖର୍ଚ୍ଚ ହୁଏ। ବର୍ଷକୁ ପ୍ରାୟ ୧୨୫ ଟନ୍ ଅଙ୍ଗାରକାମ୍ଳ ଗ୍ୟାସର ବାୟୁମଣ୍ଡଳରେ କମ୍ ମିଶିଥାଏ। ଅତ୍ୟନ୍ତ ଖୁସିର କଥା ଶକ୍ତିର ମିତବ୍ୟୟିତା ତଥା ପ୍ରଦୂଷଣ ମାତ୍ରା କମାଇବା ପାଇଁ ଦିଲ୍ଲୀ ସରକାରଙ୍କ ପ୍ରଣୀତ ନିୟମ ସ୍ୱାଗତଯୋଗ୍ୟ। ସପ୍ତାହରେ ତିନିଦିନ ଯୁଗ୍ମ ନମ୍ବର ଥିବା ଯାନ ଓ ତିନି ଦିନ ଅଯୁଗ୍ମ ନମ୍ବର ଥିବା ଯାନ ଚାଲିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ଏହି ନିଷ୍ପତ୍ତି ଉପରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ସନ୍ଦେହପ୍ରକଟ କରିଛି। ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ଡିଜେଲ ଯାନର ପଞ୍ଜିକରଣକୁ ନିଷିଦ୍ଧ କରିବା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲେ ସୁଫଳ ମିଳିବା ସ୍ୱାଭାବିକ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କିଭଳି ନୂତନ ଶକ୍ତିର ଅନ୍ୱେଷଣ, ଆହରଣ ଏବଂ ସଂରକ୍ଷଣ କରି ଶକ୍ତି ସଂକଟକୁ ସାମ୍ନା କରିବା ଏକାନ୍ତ ଜରୁରୀ। କେବଳ ଶକ୍ତି ସଂକଟ ନୁହେଁ, ଶକ୍ତିର ଉପଯୁକ୍ତ ବ୍ୟବହାର ହୋଇନପାରି ପରିବେଶ ପ୍ରଦୂଷଣଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆନ୍ତର୍ଜାତିକ ସର୍ବେକ୍ଷଣରୁ ଜଣାଯାଏ ଯେ ଏକ ଉନ୍ନତ ଜୀବନଶୈଳୀ ପାଇଁ ଭାରତର ମୁଣ୍ଡପିଛା ଖର୍ଚ୍ଚର ପରିମାଣ ବଢ଼ି ବଢ଼ି ଚାଲିଛି। ଏଥିପାଇଁ ଯେ କେବଳ ଶକ୍ତିର ଉତ୍ପାଦନ କରି ନେଲେ ହେବନାହିଁ, ବରଂ ତାର ସଠିକ୍ ପରିଚାଳନାର ମୂଳ ଲକ୍ଷ୍ୟ ହେଉଛି ଶକ୍ତି ଉତ୍ପାଦନ ଓ ମିତବ୍ୟୟୀ ବ୍ୟବହାର। ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ ହୋଇଥିଲେ ହେଁ ଏହାର ଅପଚୟ ଆଜି ମୁଣ୍ଡବ୍ୟଥାର କାରଣ ହୋଇଛି। ଏଥିପାଇଁ ଉତ୍ପାଦିତ ଶକ୍ତିର ବିନିଯୋଗ ଅପେକ୍ଷା, ସଂରକ୍ଷଣ ନିତାନ୍ତ ଜରୁରୀ। ଯଦି ପ୍ରଗତି ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ହେବା ଦରକାର, ତେବେ ଆମକୁ ଶକ୍ତି ସଂରକ୍ଷଣ ପ୍ରତି ସଜାଗ ହେବାକୁ ପଡ଼ିବ। ଶକ୍ତି ସଂରକ୍ଷଣ ଓ ନବୀକରଣକ୍ଷମ ସମ୍ବଳର ବ୍ୟବହାର କରିବା। ବିଭିନ୍ନ କ୍ଷେତ୍ରରେ ଶକ୍ତିର ଅପଚୟକୁ ଚିହ୍ନଟ କରି ତାର ସୁବିନିଯୋଗ ନିମନ୍ତେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏ ବିଶ୍ୱକୁ ପ୍ରଦୂଷଣ ଓ ତାପନରୁ ମୁକ୍ତ କରିବାକୁ ହେଲେ ଏକମାତ୍ର ସମାଧାନର ରାସ୍ତା ହେଉଛି ସୌର ତଥା ଅକ୍ଷୟଶକ୍ତିର ଅଭିନବ ପ୍ରୟୋଗ ଓ ବ୍ୟବହାର। ଶକ୍ତି ଅପଚୟ ହ୍ରାସ ଘଟିଲେ ଆମେ ପରିବେଶକୁ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିପାରିବା, ବିଶ୍ୱ ତାପନ କମିବ ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସହାୟକ ହେବ। ମାନବ ସଭ୍ୟତାକୁ ଧ୍ୱଂସାଭିମୁଖୀ ନକରି ପ୍ରଗତିପଥରେ ଅଗ୍ରସର କରିବାକୁ ହେଲେ ଶକ୍ତିର ଉପଯୁକ୍ତ ବିନିଯୋଗ ଆବଶ୍ୟକ। ଏଥିପାଇଁ ଆମେ ପ୍ରଥମେ ସଚେତନ ହେବା ବାଞ୍ଛନୀୟ। ପୁଣ୍ୟବନ୍ତର ପୁଣ୍ୟ ଅର୍ଜନ ପରି ଆଜିର ସଭ୍ୟ ମଣିଷ ବିଜ୍ଞାନର ତପସ୍ୟା କରି ଶକ୍ତି ସଂଗ୍ରହରେ ବ୍ରତୀ ହେବା ଆବଶ୍ୟକ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭

# ଦରଦୀ ବ୍ୟକ୍ତିତ୍ୱ

**॥ ଅଜୟ କୁମାର ବେହେରା ॥**

ଭାରତ ସ୍ୱାଧିନତା ପୂର୍ବରୁ ଜମିଦାରରେ ରାଜୁରାଜୁଡ଼ା। ହୁକୁମରେ ଲୋକ ଚଳୁଥିଲେ ତା ସହିତ ଥିଲା ଜାତିଆଣ ହୁକୁମତ ଛୁଆ ଅଛୁଆ ଭାବ ଜଳସ୍ପର୍ଶ ଜାତି ଅଜାତି। ଛାଇମାଡ଼ିଲେ ଜାତି ଯିବା ପରମ୍ପରାରେ ବହୁ ଜାତଙ୍କୁ ପଥ ଭାଙ୍ଗି ଯିବାକୁ ବାଧ୍ୟ କରୁଥିଲା ଅନେକ ଆର୍ଥିକ କମ ଜୋର ଲୋକଙ୍କର ଅବଧାନ ଦଣ୍ଡବତ ମୁଣ୍ଡିଆ ମୁଦ୍ରାରେ ଛୋଟ ପିଲାଟିଏ ହେଉ ପଛେ ବ୍ରାହ୍ମଣ କରଣଙ୍କୁ ବାଧ୍ୟ ହୋଇ ସମ୍ମାନ ସମ୍ମାନ। ନିଜ ବାଡ଼ିର ଗଛରୁ ନିଜର ପୁଷ୍କରିଣୀରୁ ମାଛ ଏ ସବୁ ଜମିଦାର ଓ ତାଙ୍କର ବୟସ୍କରଙ୍କର ବ୍ୟବହାର କାହାରି ଭୁଲ ନଥାଇ ମନୋଜ୍ଞଦଣ୍ଡ। ଏମିତି ଭାବର ବ୍ୟକ୍ତିଗତ ସ୍ୱାଧୀନତା କିଛି ନଥିଲା। ଗାନ୍ଧିଜୀ ସ୍ୱାଧୀନତା ଆଣିବା ଯଦି କୁହାଯାଏ ତାପରେ ପରେ ସମାନ୍ତର ଭାବରେ ତତ୍କାଳ କଂଗ୍ରେସର କଳ୍ପନା ପୁଣି ପାଣି ଫାଟି ଫାଟି ଗଲା। ମଦ ଦୋକାନରେ ବିଦ୍ୟାର୍ଥି ଓ ଛାତ୍ରଛାତ୍ରୀମାନେ ପିକେଟିଂ କରି ମଦ ଦୋକାନ ବନ୍ଦ କରିବା ବେଳେ ଦେଶୀ ମଦ ଉପରେ ଖଜୁରୀ ତାଳ ତାଡ଼ି ଉପରେ ବିଧି ଲାଗିଲା ହେଲେ ବିଲାତି ମଦ ବିକ୍ରୟ ଆରମ୍ଭ ହୋଇ ପଟ୍ଟାଦାର ନିଯୁକ୍ତି ହୋଇ ଅଧିକରୁ ଅଧିକ ଦୋକାନ ରାଜ ଅନୁଗୃହୀତ ହେଲା। ଗଞ୍ଜେଇ, ଭାଙ୍ଗ, ଅଫିମ ପାଇଁ ସ୍ୱତନ୍ତ୍ର ପଟ୍ଟାଦାରୀ ଦୋକାନ କିଛି ଦିନ ଚାଲିବା ପରେ କୁଆଡ଼େ ଗଞ୍ଜେଇ, ଅଫିମ, ପାନ, ବିଡ଼ି ନୁହଁ ଛୋଟିଆ ନିଶା ଜଣା ପଡ଼େନାହିଁ ଟାଣେ ପଇସା ପ୍ରଚାର ଏସବୁ ଉପରେ ବହୁ ରାଜ ବିଧି ନିଷେଧ ଲାଗିଲା। କେବଳ କଟକରେ ହାଇଦର ବିଡ଼ି, ଲତିଫ ବିଡ଼ି, ଟାଉନ ବିଡ଼ି ଯୋଉ ବିକ୍ରି ହେବା ଟ୍ରେଡମାର୍କ ବିଡ଼ି ଚାଲିଲା। ହାତରେ କାରିଗର ବିଡ଼ି କଲେ ବି ଏହା ଏତେ ପ୍ରଚାର ହେଉ ନଥିଲା କି ବିକ୍ରି ହେଉନଥିଲା। ଧୂଆଁ ପତ୍ରରୁ ତିଆରି ପିକା ପ୍ରସ୍ତୁତିରେ ଟାଣୁଥିଲେ। ଅନେକ ଶ୍ରମିକ ପରିବାରରେ ଏ ପିକାର ବ୍ୟବହାର ଥିଲା।

କାଳକ୍ରମେ ଇସଲାମିକ ଜିଜିଆ କର ଲାଗୁଥିବା ସଦୃଶ ଏସବୁ ବିଡ଼ି, ପିକା, ତାଡ଼ି ରାଜକୋପ ଦୃଷ୍ଟିରେ ଆସି ପ୍ରସ୍ତୁତ କମିଲା, ବ୍ୟବହାର କମିଲା। ଦାନ୍ତ ଲୋକେ ସାଧାରଣତଃ କରଞ୍ଜ, ଲିମ୍ବ, ବକୁଳ ମଚୁରୀ ଲତା, ପିଜୁଳି ଡାଳରେ ଦାନ୍ତକାଠି ଘଷୁଥିଲେ। ଥୋକେ ଗୃହ ଜଳୁଥିବା ଗୋବରରୁ ପ୍ରସ୍ତୁତ ଘଷି ଗୁଣ୍ଡ ତା ପାଉଁଶ ଖଣ୍ଡରେ ବିଚୁର୍ଣ୍ଣ ଦାନ ମାଜିଲେ ହେଲେ ବହୁ ଲୋକ ଗୁଡ଼ାଖୁରେ ଦାନ୍ତ ମାଜୁଥିଲେ। ଧୂଆଁପତ୍ର ଗେରୁ କଲିଚୁନରେ ଏହା ଗୁଡ଼ର ଚିଟା ସହିତ ମିଶ୍ରଣ ହୁଏ। ଏହା ଏକ ମାଦକ ଦ୍ରବ୍ୟ ପରି ଲୋକ ମାନଙ୍କର ବ୍ୟବହାର ପ୍ରିୟ ହୋଇଯାଇଥିଲା। ଧୂଆଁପତ୍ର ଚାଷ ସର୍ବତ୍ର ହେଉଥିଲା। ତାହା ଏ ରାଜ୍ୟରେ ଏକ ପ୍ରକାର ରଦ୍ଧ ହୋଇଗଲା। ଫଳରେ ଗୁଡ଼ାଖୁ ନିର୍ମାତାମାନେ ଆନ୍ଧ୍ରରୁ ଧୂଆଁପତ୍ର ଆମଦାନୀ କରି ଗୁଡ଼ାଖୁ ପ୍ରସ୍ତୁତ କରି ବାଣିଜ୍ୟ ଚଳାଇବାକୁ ବାଧ୍ୟ ହେଲେ। ଆଖୁଚାଷ ସର୍ବତ୍ର ପୂର୍ବେ ହେଉଥିଲା। ଲୋକେ ଗୁଡ଼ ରନ୍ଧା ବର୍ଷରେ ଥରେ ଦୁଇଥର ନିଜ ଗ୍ରାମର ଆଖୁଚାଷୀଙ୍କ ଦ୍ୱାରା ନିର୍ଗତ ଗୁଡ କିଣିନେଇ ବର୍ଷ ତମାମ ବ୍ୟବହାର କରୁଥିଲେ ନାନା ପ୍ରକାର ପିଠା ଉଖୁଡ଼ା ମୁଆଁ ମିଠାଇ ଏହି ଗୁଡ଼ରୁ ତିଆରି ହେଉଥିଲା। ଗୁଡ଼ ଜଳଖିଆର ଏକ ମିଶ୍ରଣ ଥିଲା। ଆମ୍ବିଳ ବ୍ୟଞ୍ଜନର ଏକ ଅଂଶ ଗୁଡ଼ ରହି ଆସିଛି। ଗୁଡ଼ରନ୍ଧା ସ୍ଥାନରୁ ଚିଟାଗୁଡ଼ ଗୁଡ଼ାଖୁ କମ୍ପାନୀମାନେ କିଣି ନେଇ ଗୁଡ଼ାଖୁରେ ବ୍ୟବହାର କରୁଥିଲେ ଗୁଡ଼ାଖୁର ଅଂଶ ଚୁନ। ଚୁନରାମାନେ ପୋଖରୀ ନଈ ଧାନ ବିଲରେ ବଢ଼ିଥିବା ଶାମୁକାରୁ ଏହା ପ୍ରସ୍ତୁତ କରୁଥିଲେ। ଶାମୁକାକୁ ମୃତ କରି ଶୁଖାଇ ତଲୁସ୍ତୁପ କରି ପୋଡି ତାହାରି ପାଉଁଶକୁ ଚୁନ ଆକାରରେ ପାନରେ ଖାଇବା ପାଇଁ ଓ ଗୃହ ନିର୍ମାଣରେ ତଥା ଗୁଡ଼ାଖୁର ମିଶ୍ରଣ ପାଇଁ ବ୍ୟବହାର କରିବା ପାଇଁ ଚୁନରାମାନେ ପ୍ରସ୍ତୁତ କରୁଥିଲେ। ଏହି ଚୁନ ମହଙ୍ଗା ହେଲା ଶାମୁକା ଚୁନ ଆମିଷ ବୋଲି ଧରାଯାଇ ଏକ ବାଧ୍ୟ ବାଧକତା ଲାଗିବାରୁ ପଥର ଚୁନ ବହୁସ୍ତରରେ ବ୍ୟବହାର ଉପଯୋଗୀ ହେଲା। ଏତଦ୍ୱାରା ଗୁଡ଼ାଖୁ ମହଙ୍ଗା ହେଲା, ଧୂଆଁପତ୍ର ଅବକାରୀ ଦ୍ରବ୍ୟକୁ ଆସିଲା ବହୁ କଷ୍ଟରେ ଗୁଡ଼ାଖୁ ମିଳିଲା। ଦାନ୍ତ ମାଜନରେ ପେଷ୍ଟମାନ ଆସିଗଲା। ଯାହା ବ୍ରିଟିଶବେଳର କମ୍ପାନୀ ମାନେ ବାଣିଜ୍ୟରେ ଏବେ ବି ଅବାଧରେ ବିକ୍ରୟ କରୁଛନ୍ତି। ବିଦେଶୀ ଦ୍ରବ୍ୟରୁ ଏହା ପର୍ଯ୍ୟନ୍ତ ପରିତ୍ୟକ୍ତ ହୋଇନାହିଁ ସ୍ୱଦେଶୀ ଦାନ୍ତମାଜନ ମିଳୁଛି ହେଲେ ରାଜକର ଏହା ନିର୍ମାଣରେ ଢ଼ିଲମ ଢ଼ିଲା ନୁହେଁ। ବିଦେଶୀ ସହିତ ସ୍ୱଦେଶୀ ତାଳ ଦେଇ ଚାଲି ପାରୁନାହିଁ । ଦାନ୍ତ କାଠି ସଂଗ୍ରହ ଏବେ ସମସ୍ତଙ୍କୁ କଷ୍ଟବୋଧ, ଦାନ୍ତଘଷା ବ୍ରଶରେ ଦାନ୍ତ ମଜା ପେଷ୍ଟ ସହିତ ହେଉଛି। ଏଇ ବ୍ରସ ବିଦେଶୀ କମ୍ପାନୀ ଏବେ ବି ତିଆରି କରୁଛନ୍ତି। ବିଦେଶୀ କମ୍ପାନୀ ଭଣ୍ଡିଆ ଲିମିଟେଡ କରି ଧନ୍ଦା ଚଳାଉଛନ୍ତି। ବଡ଼ ବଡ଼ କମ୍ପାନୀଙ୍କ ଦରଦୀ ଟିକେ ବି ତାଙ୍କ ଦ୍ରବ୍ୟ କ୍ରେତାଙ୍କ ଠାରେ ନାହିଁ। ଖୋଦ ସରକାର ଉତ୍ପାଦନଶୁଳ୍କ ବହୁ ପ୍ରଶୟ ଦେଉଛନ୍ତି। ଏଥିରେ ବି ଦରଦୀ ଦାୟିତ୍ୱବୋଧ କର୍ତ୍ତବ୍ୟବୋଧ ଗ୍ରାହାକ ପ୍ରତି କାହାରି ନାହିଁ। ମୂଳ ଦ୍ରବ୍ୟର ମୂଲ୍ୟ କେତେ ଶ୍ରମ ଶକ୍ତି କେତେ ଲାଗିଛି ଦ୍ରବ୍ୟ ପ୍ୟାକରେ କେତେ ଖର୍ଚ୍ଚ, ପରିବହନ କେତେ ଖର୍ଚ୍ଚ ଏସବୁ ସମୀକ୍ଷା ସରକାରୀ ଅଧିକାରୀ କେମିତି କରୁଛନ୍ତି ତାହା ଗ୍ରାହକ ଜାଣିବାର ଉପାୟ ନାହିଁ। କୁଟୀର ଶିଳ୍ପ ଗ୍ରାମ୍ୟ କାରିଗରୀ ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ବଡ଼ ବଡ଼ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ବେକାରୀ ବୃଦ୍ଧି ଯୋଗୁ ପ୍ରଜା ଅସନ୍ତୋଷ, ଚୋରୀ ରାଜହାନୀ, ଠକେଇ ବଢ଼ି ବଢ଼ି ଚାଲିଛି ବେକାରୀ ବଢୁଛି। ଧନୀ ଗରିବ ସମୀକ୍ଷାରେ ଧନୀ ବଢୁଛନ୍ତି ଯାହା ତତ୍କାଳରେ ଗରିବୀ ବୃଦ୍ଧି ଅସମିତ।

ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଦୀର୍ଘ ଦୁଇ ବର୍ଷ ଲଢେଇ ପରେ ଜଙ୍ଗଲ ଜମି ଶିରୋନାମା ପଟ୍ଟାରୁ ରାଜସ୍ୱ ପଟ୍ଟା ପାଇଲେ

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତାଳଜାରିଙ୍ଗ ଗ୍ରାମ ପଂଚାୟତ ଲବଣିପୁର ମୌଜ଼ା ବାଘବାଡ଼ି ପଡା ୨୨ ଜଣ ହିତାଧିକାରୀ ଜଙ୍ଗଲ ଅଧିକାର ଆଇନ -୨୦୦୫ ଅନୁଯାଇ ଶିରୋନାମା ପଟ୍ଟା ସ୍ୱୀକୃତି ପାଇଥିଲେ। କିନ୍ତୁ ରାଜସ୍ୱ ପଟ୍ଟା ହୋଇ ନ ଥିବାରୁ ଧାନ କିଣା ବିକା କିମ୍ବା କୌଣସି ସରକାରୀ କାଗଜ ପତ୍ର , ପି ଏମ କିସାନ ଓ ଅନନ୍ୟ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଥିଲେ। ଏ ସଂକ୍ରାନ୍ତ ରେ କଳାହାଣ୍ଡି ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା – ୩୨୬୬/ଏଫ ଆର ଏ -୧୨-୧୧-୨୦୧୮ ଓ ରାଜ୍ୟ ସରକାର ଙ୍କ ଆଦିବାସୀ ଓ ହରିଜନ ବିଭାଗଙ୍କ ପତ୍ର ସଂଖ୍ୟା ଝଞ୍ଜ/ଝଉ/ଝଝଉ/ ବଭୟ କ୍ଟଷଷରକ୍ଷ୍ୱ ସଂଖ୍ୟା -୨୦୫୨୪ ଏବଂ ସେହି ବିଭାଗର ପତ୍ର ସଂଖ୍ୟା – ୦ ୦ ୩ - ୨ ୦ ୧ ୪ / ୨୬୧୦.୨୦୨୧ ରେ ସମସ୍ତ ଜ଼ିଲ୍ଲାପାଳ ମାନଙ୍କୁ



ଜଙ୍ଗଲ ଜମି ପାଇଥିବା ଶିରୋନାମା ପଟ୍ଟାକୁ ସଂଶୋଧନ କରି ଯଥାଶୀଘ୍ର ରାଜସ୍ୱ ଜମି ରେ ପରିବର୍ତ୍ତନ କରି ଦ୍ୱୋକୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ଜ଼ିଲ୍ଲାପାଳ ଓ ସଚିନ ଙ୍କ ନର୍ଦେଶ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଇ ପାରୁ ନଥିଲା। ଏ ବିଷୟରେ ବାଘ ବାଡ଼ି ପଡା ଗ୍ରାମ ବାସି ତଥା ଜ଼ଙ୍ଗଲ ଜମି ହିତାଧିକାରୀ ସ୍ଥାନୀୟ ଆଡ଼ଭୋକେଟ ସଂଜୀବ କୁମାର ଶତପଥି ଙ୍କ ସାହାଯ୍ୟ ନେଇଥିଲେ। ଏବଂ ତା ୩.୦୧.୨୦୨୪ ରେ ଜ଼ିଲ୍ଲାପାଳ କଳାହାଣ୍ଡି ଓ ତହସିଲଦାର ଜୁନାଗଡ଼ଙ୍କୁ ସମସ୍ତ ନଥିପତ୍ର ସହ ଦାବୀ କରାଯାଇଥିଲା। ଦୀର୍ଘ ଦୁଇ ବର୍ଷର ସଂଘର୍ଷ ପରେ୧୮.୧୧.୨୦୨୫ ରେ ତହସିଲ କାର୍ଯ୍ୟାଳୟ ରେ ତହସିଲଦାର ଜୁନାଗଡ଼ ବିରୁପାକ୍ଷ ନନ୍ଦ, ଏଫ -ଆର, ଏ ସଂଯୋଜିକା ମଧୁମିତା ମହାନ୍ତି ଓ କମ୍ପୁଟର ସହଯୋଗୀ ହରିଶ ତପନ ଚଣ୍ଡୀ ପଟ୍ଟା ବଣ୍ଟନ କରିଥିଲେ। ଲଖଣ ଖାଡ଼ିଆ, ମିଶ୍ର ଖାଡ଼ିଆ, ଶଙ୍କର ଖାଡ଼ିଆ, କଏନ୍ତା ଖାଡ଼ିଆ, ଅଭି ଖାଡ଼ିଆ, ଚାନ୍ଦୋ ଖାଡ଼ିଆ, କିଶୋରୀ ଖାଡ଼ିଆ,କାଠ ଖାଡ଼ିଆ, ଆମଡେଇ ଖାଡ଼ିଆ, ଉଷା ଖାଡ଼ିଆ, ବିଷମ ଖାଡ଼ିଆ,ବୈଶାକୁ ଖାଡ଼ିଆ, ବିଷ୍ଣୁ ଖାଡ଼ିଆ, ଶତ୍ରୁଘ୍ନ ଖାଡ଼ିଆ, ଗାଜିନ୍ଦ୍ର ଖାଡ଼ିଆ,ଲବ ଖାଡ଼ିଆ, ବାଛ ଖାଡ଼ିଆ,ସୁଦାମ ଖାଡ଼ିଆ, ଚିତରୁ ଖାଡ଼ିଆ, ଶୁକଲି ଖାଡ଼ିଆ, ଦ୍ରୌପଦୀ ଖାଡ଼ିଆ, ସରସ୍ୱତୀ ଖାଡ଼ିଆ ପ୍ରମୁଖ ରାଜସ୍ୱ ପଟ୍ଟା ପାଇଥିଲେ, ଏହି ଅଭିଯାନ ରେ ଜଙ୍ଗଲ ଅଧିକାର କମିଟିର ସଭାପତି ଯାଦବ ଖାଡ଼ିଆ ଓ ସମ୍ପାଦକ ମିଶ୍ର ଖାଡ଼ିଆ ତଥା ଆଦିବାସୀ ନେତା ଓ ସମାଜ ସେବୀ ଗୌରୀ ଶଙ୍କର ପାତ୍ର ନେତୃତ୍ୱ ନେଇ ଥିବା ବେଳେ ଗଣେଶ ପଧାନ ସହଯୋଗ କରିଥିଲେ।

## ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ସର୍ବୋତ୍ତମ ଅଭ୍ୟାସ ପାଇଁ ଇଫକୋକୁ ସମ୍ମାନଜନକ ପୁରସ୍କାର ପ୍ରଦାନ



ପାରାଦୀପ, (ମହାଭାରତ) : ବିଶ୍ୱର ସର୍ବବୃହତ ଫସଫେଟିକ୍ ସାର କାରଖାନା, ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ), ପାରାଦୀପ ୟୁନିଟ୍ ୨୦୨୫ ବର୍ଷ ପାଇଁ ବୃଦ୍ଧିଗତ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ସର୍ବୋତ୍ତମ ଅଭ୍ୟାସ ପାଇଁ ପୁରସ୍କୃତ ହୋଇଛି। ଏହି ପୁରସ୍କାର କୃଷକଙ୍କ ଜୀବନର ବିଭିନ୍ନ ଦିଗ, ଯେପରିକି କୃଷି ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଅଭ୍ୟାସ, ଆତ୍ମ ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରିବା ଏବଂ ସେମାନଙ୍କ ସମବାୟ ନେଟୱାର୍କକୁ ମଜବୁତ କରିବା ଉପରେ ସେମାନଙ୍କର ପଦକ୍ଷେପ ପାଇଁ ପ୍ରଦାନ କରାଯାଇଛି। ଏହି ପ୍ରୟାସ ମାଧ୍ୟମରେ, ଇଫକୋ ସଫଳତାର ସହିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ଏହାର ବ୍ୟବସାୟିକ ରଣନୀତି ସହିତ ସଂଯୁକ୍ତ କରିଛି, ଯାହା ବୃଦ୍ଧିଗତ ଗୋଷ୍ଠୀ କଲ୍ୟାଣ ଏବଂ ଏହାର ଅଭିବୃଦ୍ଧି ଉଭୟରେ ଯୋଗଦାନ କରିଛି । ଶନିବାର ଦିନ ଭୁବନେଶ୍ୱର ମେଫେୟାରରେ ଓଡିଶା ସିଏସଆର ଫୋରମ ଦ୍ୱାରା ସିଏସଆର ଓ ଏଚଆର ଲିଡରସିପି ସମ୍ମିଳନୀ ୨୦୨୫ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଇଫକୋ ପାରାଦୀପ ୟୁନିଟ ର ମାନବ ସମ୍ବଳ ଉପ ପରିଚାଳକ ଜ୍ଞାନୀନ୍ଦ୍ର ସୁନ୍ଦରରାୟ ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଲ ର ମାନବ ସମ୍ବଳ ବିଭାଗ ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଏ. ବି. ପ୍ରଧାନ ଏବଂ ଓଡିଶା ସିଏସଆର ଫୋରମ ସଂଯୋଜକ ବି.କେ. ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ତେବେ ଇଫକୋର ଗୋଟିଏ ପରେ ଗୋଟିଏ ସଫଳତା ଓ ସମ୍ମାନ ମିଳିବା ଇଫକୋର ପ୍ରତିବଦ୍ଧତା ଓ ସଫଳତାକୁ ଦର୍ଶାଏ ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାରେ ରେକର୍ଡ କଲା ୭୨ଟି ପ୍ରକଳ୍ପ

ଆର ଉଦୟଗିରି, (ମହାଭାରତ) : ଗଜପତି ଜିଲ୍ଲାର ରା ଉଦୟଗିରି ବ୍ଲକ୍ ଅନ୍ତର୍ଗତ ପିଏମ. ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ କେ. ଏମ .ଭାଲିଆସାହି ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରହ୍ଲାଦ ଶିଅଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ଦଳବେହେରା ଏବଂ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ପୂର୍ଣ୍ଣ ସହଯୋଗରେ ସଫଳ ହୋଇପାରିଥିଲା। ବିଦ୍ୟାଳୟର ବିଜ୍ଞାନ ବିଭାଗର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯଥା ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ମଣ୍ଡଳ , ପ୍ରଜ୍ଞାଦୀପ୍ତା ପାଇକ, ରାଉତ ସନ୍ଧ୍ୟାରାଣୀ, ବିରଜା ମାଳିନୀ ନାୟକ ଏବଂ ମମତା ବେହେର୍ଦଲାଇଙ୍କ ମାର୍ଗଦର୍ଶନରେ ୭୨ ଗୋଟି ପ୍ରକଳ୍ପ ପ୍ରଦର୍ଶନ ହୋଇପାରିଥିଲା। ବିଦ୍ୟାଳୟର ୨ୟ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଅଂଶ ଗ୍ରହଣ କରି ନିଜେ ନିଜର ପ୍ରକଳ୍ପ ଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ନିଜ ଅଞ୍ଚଳର ସମସ୍ୟାର ସମାଧାନ ସହ ନିଜ ମନର ଭାବନାକୁ ପରିପ୍ରକାଶ କରିଥିଲେ।ଏହା ଦ୍ୱାରା ପିଲାମାନଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ ହୋଇଥିବାର ଲକ୍ଷ୍ୟ କରାଯାଇଛି।ଉକ୍ତ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାଙ୍କନ କରିବା ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ଛେଳିଗଡର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ଭାଗିରଥି ପରିଡା ଏବଂ ଗଙ୍ଗାଧର ପାଇକ ବିଚାରକ ଭାବେ ଯୋଗ ଦେଇ ଉଚିତ୍ ମୂଲ୍ୟାଙ୍କନ କରିଥିଲେ। ଆୟୋଜିତ ହୋଇଥିବା ସଭାରେ ପ୍ରଧାନ ଶିକ୍ଷକ ସଭାପତି ଆସନ ଅଳଙ୍କୃତ କରିଥିଲା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ଯୁଧିଷ୍ଠିର ପାଇକ ମଞ୍ଚ ପରିଚାଳନା କରି ସଭାକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

# ନୟାଗଡ଼ ବିଧାୟକଙ୍କୁ ହାଇକୋର୍ଟ ଝଟକା, ଦାଖଲ କରିଥିବା ଅନ୍ତରୀଣ ଆବେଦନ ଖାରଜ

ନୟାଗଡ଼, (ମହାଭାରତ) : ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ ହାଇକୋର୍ଟ ଙ୍କ ଝଟକା। ନିର୍ବାଚନ ବେଳେ ନିର୍ବାଚନୀ ସତ୍ୟପାଠ ରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ନିଜର ସମ୍ପତ୍ତି ସଂକ୍ରାନ୍ତରେ ସଠିକ୍ ତଥ୍ୟ ଦେଇ ନଥିବା ନେଇ ହୋଇଛି ଅଭିଯୋଗ। ଚଳିତ ସାଧାରଣ ନିର୍ବାଚନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ରେ ନୟାଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ବିଜେଡ଼ି ର ବରିଷ୍ଠ ନେତା ଡ.ଅରୁଣ କୁମାର ସାହୁ। ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଙ୍କ ଠାରୁ ବିଜେଡି ନେତା ଡ. ଅରୁଣ କୁମାର ସାହୁ ୪୩୯ ଭୋଟ ବ୍ୟବଧାନରେ ବିଜୟ ହୋଇ ନୟାଗଡ ବିଧାୟକ ହୋଇଛନ୍ତି। ନୟାଗଡ଼ ର ୨୦୨୪ ସାଧାରଣ ନିର୍ବାଚନ ଏବେ ହାଇକୋର୍ଟରେ ବିଚାରାଧୀନ। ନୟାଗଡ଼ ବିଧାନସଭା ଆସନ ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ତଥା ବିଧାୟକ ଡ. ଅରୁଣ କୁମାର ସାହୁ ଦାଖଲ କରିଥିବା ଅନ୍ତରୀଣ ଆବେଦନ ଖାରଜ ହୋଇଛି। ମୂଳ ନିର୍ବାଚନୀ ମୋକଦ୍ଦମାକୁ ଖାରଜ



କରିବାକୁ ନିବେଦନ କରି ଦାୟର ମଧ୍ୟବର୍ତ୍ତୀକାଳୀନ ଆବେଦନରେ ହେମନ୍ତ କୁମାର ପୃଷ୍ଟି (ପ୍ରତିପକ୍ଷ ନମ୍ବର-୨)ଙ୍କୁ ପକ୍ଷଭୁକ୍ତ କରିବା ପ୍ରସଂଗ ନେଇ ପ୍ରତିପକ୍ଷ ନମ୍ବର-୧ ଡ଼. ଅରୁଣ କୁମାର ସାହୁ ଏହି ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଡ. ଅରୁଣ କୁମାର ସାହୁଙ୍କ ଅନ୍ତରୀଣ ଆବେଦନକୁ ଖାରଜ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ଆସନରୁ ବିଧାୟକ ହୋଇଥିବା ଡ. ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରୋଜେଶ୍ୱରୀ ସିଂହ ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ। ଡ଼. ଅରୁଣ କୁମାର ସାହୁଙ୍କ ସତ୍ୟପାଠରେ ସମ୍ପତ୍ତି ସଂକ୍ରାନ୍ତରେ ସଠିକ୍ ତଥ୍ୟ ଦେଇ ନଥିଲେ। ଏଥି ସହିତ ଡ. ଅରୁଣ କୁମାର ସାହୁଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର୍ ବେଆଇନ ଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ହାଇକୋର୍ଟ ରେ ଡ. ଅରୁଣ କୁମାର ସାହୁ ଙ୍କ ବିରୋଧ ହୋଇଥିବା ଏହି ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିବା ପାଇଁ ଡ଼. ଅରୁଣ କୁମାର ସାହୁଙ୍କ ତରଫରୁ ତିନିଟି ଅନ୍ତରୀଣ ଆବେଦନ ୨୦୨୪ ରେ ଦାୟର କରାଯାଇଥିଲା। ନିର୍ବାଚନ ଆବେଦନ ଦାଖଲ କରିବା ବେଳେ ଆଇନରେ ଥିବା କେତେକ ବ୍ୟବସ୍ଥା ପାଳନ କରାଯାଇନାହିଁ ଏବଂ ଆବେଦନ ସହିତ ଫର୍ମ-୨୫ ସତ୍ୟପାଠ ସଂଲଗ୍ନ ହୋଇ ନଥିବା ସହ ଆବଶ୍ୟକ ତଥ୍ୟ ଉଲ୍ଲେଖ କରାଯାଇନାହିଁ ଏବଂ ଅନ୍ୟାନ୍ୟ କାରଣ ଅନ୍ତରୀଣ ଆବେଦନ ଗୁଡ଼ିକରେ ଦର୍ଶାଯାଇଥିଲା। ୨୦୨୪ ଡିସେମ୍ବର ୧୧ରେ ବିଚାରାଧୀନ ଥିବା ମୂଳ ନିର୍ବାଚନୀ ମୋକଦ୍ଦମାରେ ହେମନ୍ତ କୁମାର ପୃଷ୍ଟିଙ୍କୁ ପ୍ରତିପକ୍ଷ ନମ୍ବର-୨ ଭାବେ ପକ୍ଷଭୁକ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଦାଖଲ ତିନି ଅନ୍ତରୀଣ ଆବେଦନରେ ମଧ୍ୟ ହେମନ୍ତ କୁମାର ପୃଷ୍ଟିଙ୍କୁ ପକ୍ଷଭୁକ୍ତ କରିବା ପାଇଁ ଡ଼. ଅରୁଣ କୁମାର ସାହୁ ଉପରୋକ୍ତ ଅନ୍ତରୀଣ ଆବେଦନ ୨୦୨୫, ଜୁଲାଇ ୭ରେ ଦାୟର କରିଥିଲେ। ଡ଼. ଅରୁଣ କୁମାର ସାହୁଙ୍କ ତରଫରୁ ତରଣୀକାନ୍ତ ବିଶ୍ୱାଳ ଓ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ରଥକାଠ ଅନୁକୂଳ ନିମନ୍ତେ ହେଲା ଦିନଧାର୍ଯ୍ୟ

ଦଶପଲ୍ଲା, (ମହାଭାରତ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ନିମନ୍ତେ ଦିନ ଧାର୍ଯ୍ୟ ହୋଇଯାଇଛି । ମା' ବଡ଼ରାଉଳଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଭଳି ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରଥକାଠ ଅନୁକୂଳ ନିମନ୍ତେ ଦିନଧାର୍ଯ୍ୟ ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ବନପାଳ ତଥା ଗଣକ ପ୍ରଫୁଲ୍ଲ କୁମାର ଦାଶ ଗଣିଆ ଠାରେ ପଂହଚିଥିଲେ । ସେଠାରେ ରଥକାଠ ଅନୁକୂଳ ପୁରୋଧା ପ୍ରଶନ୍ନ କୁମାର ଦାଶଙ୍କ ପାଖରେ ପଠାଣି ସାମନ୍ତ ପଞ୍ଜିକା ଅନୁସାରେ ରଥକାଠ ଅନୁକୂଳ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା । ପାଞ୍ଜି ଅନୁସାରେ ଆସନ୍ତା ଡିସେମ୍ବର ମାସ ୨୩ ଓ ୩୦ତାରିଖ (ମଙ୍ଗଳବାର) ୨ଦିନ ଧାର୍ଯ୍ୟ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନଙ୍କ ନିଷ୍ପତି ଅନୁସାରେ ଉକ୍ତ ଦୁଇଦିନ ମଧ୍ୟରୁ ଗୋଟିଏ ଦିନକୁ ଧାର୍ଯ୍ୟ କରାଯାଇ ରଥକାଠ ଅନୁକୂଳ କରାଯିବ ପାଇଁ ସ୍ଥିର କରାଯିବ ବୋଲି ବନାଂଚଳ ଅଧିକାରୀ ଶ୍ରୀନିବାସ ଦାଶ ସୂଚନା ପ୍ରଦାନ କରିଛନ୍ତି ।

## କାକିରିଗୁମା–ଦାମନଯୋଡ଼ି ରାସ୍ତାର ମାନ ଯାଞ୍ଚରେ ବିଧାୟକ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାକିରିଗୁମା–ଦାମନଯୋଡ଼ି ସଂଯୋଗ ରାସ୍ତାର ପ୍ରଶସ୍ତିକରଣ କାମକୁ ନିଜେ ଯାଇ ତଦାରଖ କଲେ ଲକ୍ଷ୍ମୀପୁର ବିଧାୟକ ଶ୍ରୀଯୁକ୍ତ ପବିତ୍ର ସାଉଁନ୍ତା । ରାସ୍ତାର ଗୁଣମାନ, କାମର ଗତି, ନିର୍ମାଣ ସ୍ତର ଏବଂ କାର୍ଯ୍ୟ ର ତ୍ରୁଟିକୁ କାର୍ଯ୍ୟ ସ୍ଥଳରେ ଯାଇ ସଂପୂର୍ଣ୍ଣ ଯାଞ୍ଚ କରି ବିଶେଷ ନିର୍ଦ୍ଦେଶ ଜାରି କଲେ ବିଧାୟକ ଶ୍ରୀ ସାଉଁନ୍ତା । ସ୍ଥାନୀୟ ଲୋକଙ୍କ ଯାତାୟାତ ସୁବିଧା, ବ୍ୟାପାର–ବାଣିଜ୍ୟ ଓ ରୋଜଗାର ସୁଯୋଗ ଦିଗରେ ଏହି ରାସ୍ତା ଜୀବନରେଖା ବୋଲି ଉଲ୍ଲେଖ କରି ବିଧାୟକ କହିଛନ୍ତି — "ଉଚ୍ଚମାନର ସହିତ କାମ ହେବା ଆବଶ୍ୟକ, ଅଞ୍ଚଳର ଉନ୍ନତି ପାଇଁ ଏହା ଅତ୍ୟନ୍ତ ଦରକାରୀ ପ୍ରକଳ୍ପ"। ତ୍ରିକୋଣ ଛକକୁ ନୂତନ ରୂପ — ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମକରଣ ପ୍ରସ୍ତାବ, ଯାଞ୍ଚ ସମୟରେ ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତା କାକିରିଗୁମା ତ୍ରିକୋଣ ଛକର ସମଗ୍ର ସୌନ୍ଦର୍ଯ୍ୟକରଣ, ଲାଇଟିଂ, ଛକ



ବିସ୍ତାର, ଡିଜାଇନ ଓ ପରିଷ୍କାରତା ର କାମକୁ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଛକକୁ ଅଞ୍ଚଳର କୌଣସି ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରିବାର ଯୋଜନା ହୋଇଥିବାରୁ ଅଞ୍ଚଳର ଇତିହାସ ଓ ଗୌରବକୁ ପୁନଃଜୀବନ ମିଳିବ ବୋଲି ଅଞ୍ଚଳବାସୀମାନେ ଖୁସି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ପୂର୍ତ୍ତବିଭାଗ ଝଉଡ, କାକିରିଗୁମା ରାଜସ୍ୱ ନିରୀକ୍ଷକ ଠିକା ସଂସ୍ଥାର ପ୍ରତିନିଧି ସ୍ଥାନୀୟ ଅଞ୍ଚଳ ବାସୀ ଙ୍କ ସହିତ ବିସ୍ତୃତ ଆଲୋଚନା କରି ବିଧାୟକ ଶ୍ରୀ ସାଉଁନ୍ତା ପଦକ୍ଷେପ ନେଇଥିବାରୁ ଅଞ୍ଚଳର ଲୋକଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି । ବିଧାୟକ ମହୋଦୟ ପ୍ରକଳ୍ପର ଗୁଣମାନ ରକ୍ଷା, ସମୟସୀମାରେ କାମ ସମ୍ପାଦନ ଏବଂ ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ପ୍ରାଥମିକତା ଦେବାକୁ ପ୍ରସ୍ତାବ ଦେଇଥିଲେ। ,ଏହି ପରିଦର୍ଶନ ଦ୍ୱାରା ଦୀର୍ଘ ଦିନର ରାସ୍ତା ଉନ୍ନତି ଦାବି ପୂରଣ ଦିଗକୁ ପ୍ରକୃତ ସରକାରୀ ଗତି ଦେଖାଯାଇଥିବାରୁ ଲୋକମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳ ଉନ୍ନତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଞ୍ଚଳ ବାସୀ ମନ୍ତବ୍ୟ ଦେଇଛନ୍ତି ।

## ବରିଷ୍ଠ ନାଗରିକ ସଙ୍ଘର ବୈଠକ ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘ ର ବୈଠକ ଅନୁଷ୍ଠିତ। ଠାକୁରମୁଣ୍ଡା ବଜାରସ୍ଥ ପ୍ରମିଳା ହୋଟେଲ ସଭାଗୃହରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଠାକୁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗିରୀଶ ଚନ୍ଦ୍ର ମହାନ୍ତ, ମୁଖ୍ୟ ଅତିଥି କରଞ୍ଜିଆ ବରିଷ୍ଠ ନାଗରିକ ସମ୍ପାଦକ ଶ୍ରୀ ସର୍ବେଶ୍ୱର ମିଶ୍ର, ମୁଖ୍ୟବକ୍ତା ଭାବେ କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ସଂଘ ର ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପସଭାପତି ଶ୍ରୀ ଅଭିମନ୍ୟୁ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପଦ୍ମଲୋଚନ ନନ୍ଦ ଏବଂ ରାଜ୍ୟ ଜଙ୍ଗଲ ସଚିବାଳୟର ଅବସରପ୍ରାପ୍ତ କର୍ମଚାରୀ କେଶିରାମ ହୋ ମଞ୍ଚାସୀନ ଥିଲେ ।

## ପାରାଦୀପଗଡ଼ ପଞ୍ଚାୟତରେ ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ, (ମହାଭାରତ) : ପାରାଦୀପ ନିର୍ବାଚନମଣ୍ଡଳୀର ପାରାଦୀପଗଡ଼ ପଞ୍ଚାୟତ ଅନ୍ତର୍ଗତ ଜାତୀୟ ରାଜପଥରୁ କତକୁଲା ଓ ଚୁନବେଲାରୀ ଦେଇ ସିଜୁ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶନିବାର ଦିନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩ କୋଟି ୧୬ ଲକ୍ଷ ୩୫ ହଜାର ଟଙ୍କାର ଏହି ଭିତ୍ତିଭୂମିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉଭୟ ପାରାଦ୍ୱୀପଗଡ଼ ଏବଂ କୋଠି ପଞ୍ଚାୟତର ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଗମନାଗମନ ତଥା ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହା ସ୍ଥାନୀୟ ଶିକ୍ଷ, ବ୍ୟବସାୟ ତଥା ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଗତି ପ୍ରଦାନ କରିପାରିବ । ଗ୍ରାମାଞ୍ଚଳର ବିକାଶ ହେଲେ 'ବିକଶିତ ଓଡିଶା' ଗଠନ ସମ୍ଭବପର ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ସେହିପରି ବାଗୋଇ, ମଲାସାହି, ବଣିତ, ଗୋରଡ଼, ପଣ୍ଡୁଆ ଇତ୍ୟାଦି ପଞ୍ଚାୟତ ର ବିଭିନ୍ନ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ନିମନ୍ତେ ପ୍ରାୟ ୨୫ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେରାସ୍ତା ନିର୍ମାଣର ଶିଳାନ୍ୟାସ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

## ଦୁଇ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଉଦଳା, (ମହାଭାରତ): ଉଦଳା ଥାନା ନଂ – ୧୬୬ ତା. ୨୯.୦୪.୨୫ ରିଖ ତଥା ଉଦଳା କୋର୍ଟରେ ସେସନ ଟ୍ରାଏଲ ମୋକଦ୍ଦମା ନଂ – ୨୨୫/୨୫ ର ଶୁଣାଣୀ କରି ଏଡିଜେ କୋର୍ଟରେ ବିଚାରପତି ମାନ୍ୟବର ପ୍ରଦୀପ କୁମାର ବେହେରା ଶୁଣାଣି କରି ଅଭିଯୁକ୍ତମାନଙ୍କୁ ଦଫା ୩୩୩/୭୦(୧) ବିଏନଏସ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ଦେବା ପାଇଁ ଆଦେଶ କରିଛନ୍ତି । ଜୋରିମାନା ଅନାଦେୟ ବାବଦକୁ ଦୁଇ ଜଣଙ୍କୁ ଆଉ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଗତ ତା. ୨୦.୦୪.୨୫ ରିଖ ଦିନ ପୀଡିତାଙ୍କ ମାଆ ତାଙ୍କର ଶାଶୁଙ୍କ ଦେହ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାକୁ ନେଇଥିଲେ । ଘରେ ତାଙ୍କ ଝିଅ ଏବଂ ସାନଯାଆ ଲକ୍ଷ୍ମୀ ମାରାଣ୍ଡି ଘରେ ରହିଥିଲେ । ସେଠାରେ ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା । ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ରହିବା ପରେ ୨୫-୦୪-୨୦୨୫ ରିଖ ଘରକୁ ଫେରିବା ପରେ ପୀଡିତା ଯୁବତୀଙ୍କ ପାଖରୁ ସମସ୍ତ ଘଟଣା ଜାଣିବାକୁ ପାଇଥିଲେ । ପୀଡିତାଙ୍କ କହିବାନୁସାରେ ୨୩-୦୪-୨୫ ସନ୍ଧ୍ୟା ୮ ଟା ସମୟରେ ପୀଡିତା ଏବଂ ତାଙ୍କ ଖୁଡୀ ଘରେ ଥିବା ବେଳେ ଅଭିଯୁକ୍ତ ବୃନ୍ଦାଗଡି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍ ତାଙ୍କ ଘରେ ପଶି ଖୁଡୀକୁ ନିଶା ଖୁଆଇ ପୀଡିତା ଯୁବତୀଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ ।

## ୩୪ ତମ ବ୍ଲକ ସ୍ତରୀୟ ବାଲ ବିଜ୍ଞାନ ପ୍ରତିଯୋଗିତା

ଅସ୍ତରଙ୍ଗ, (ମହାଭାରତ) : ଚଳିତ ବର୍ଷ ପୁରୀ ଜିଲ୍ଲା ର ସମସ୍ତ ବ୍ଲକ ରେ ବ୍ଲକ ସ୍ତରୀୟ ବାଲ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିବା ବେଳେ ଅସ୍ତରଙ୍ଗ ବନ୍ତିଲୋ ଜନତା ହାଇସ୍କୁଲ ପଡିଆ ରେ ୩୪ ତମ ମେଳା ଅନୁଷ୍ଠିତ ହୋଇଯାଇଛି, ଏହି ବିଜ୍ଞାନ ମେଳା ରେ ସମୁଦାୟ ବିଭିନ୍ନ ସରକାରୀ ବିଦ୍ୟାଳୟ ରୁ ୧୧୯ ଗୋଟି ଷ୍ଟଲ୍ ହୋଇଥିଲା, ପୂର୍ବାହ୍ନ ରେ ବିଜ୍ଞାନ ମେଳା କୁ ଏଏଚସି ବ୍ଲକ ଟପର ଦିବ୍ୟଶ୍ରୀ ଦାସ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, କୋରଣା ପଞ୍ଚାୟତ ସରପଞ୍ଚ ମଧୁସ୍ମିତା କାଣ୍ଡି ଓ ସମିତି ସଭ୍ୟା କମଳା ରାଉତ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଦାସ, ଓଷ୍ଠ ଅସ୍ତରଙ୍ଗ ବ୍ଲକ ସମ୍ପାଦକ ସନ୍ତୋଷ ଦାସ ସମସ୍ତ ବିଦ୍ୟାଳୟ ର କୁନି ବୈଜ୍ଞାନିକ ଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ଯୁଗରେ ନୂଆ ନୂଆ ଜ୍ଞାନ ଆରୋହଣ ପାଇଁ ପରାମର୍ଶ କରିଥିଲେ।

# ବିପଦ ସଙ୍କୁଳ ପୋଲର ମରାମତି ନହେଲେ ଆନ୍ଦୋଳନ

ଏରସମା,(ମହାଭାରତ) : ନଦୀ ଉପରେ ୪୫ ବର୍ଷତଳେ ପୋଲ ନିର୍ମାଣ କରାଯାଇଥିଲା।ଦୀର୍ଘ ୨୦ ବର୍ଷ ହେଲାଣି ଏହାର ମରାମତି ପାଇଁ ସ୍ଥାନୀୟ ଜନସାଧାରଣ ଦାବିକରି ଆସୁଛନ୍ତି।ମାତ୍ର ଏଯାବତ୍ ତାହା କରାଯାଉନାହିଁ। ଯେଉଁଥିପାଇଁ ଜନସାଧାରଣ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଅସୁରକ୍ଷିତ ଭାବେ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ସୂଚନାଯୋଗ୍ୟ ଯେ ଏରସମା ବ୍ଲକ୍ ଭିତର ଅନ୍ଧାରି ପଞ୍ଚାୟତ ସାରଳା ଉଚ୍ଚ ବିଦ୍ୟାଳୟ ଠାରୁ ବାଲିତୁଠକୁ ସଂଯୋଗ କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା।ଏହି ବିଦ୍ୟାଳୟର ଅନତି ଦୂରରେ ବହିଯାଇଛି ଅନ୍ଧାରି ନଈ। ନଦୀ ଉପରେ ୪୫ ବର୍ଷ ତଳେ ଏକ ପୋଲ ନିର୍ମାଣ କରାଯାଇଥିଲା।ଦୀର୍ଘ ୨୦ ବର୍ଷ ହେଲାଣି ଏହି ପୋଲର ମରାମତି ପାଇଁ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ,ସ୍ଥାନୀୟ ବିଡ଼ିଓଙ୍କୁ ଏବଂ ଅନ୍ୟାନ୍ୟ ବିଭାଗକୁ ଜଣାଇବା ପରେ ମଧ୍ୟ କୌଣସି



ପଦକ୍ଷେପ ଗ୍ରହଣ କରାଯାଉନାହିଁ।ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଉଭୟ ପାର୍ଶ୍ୱର ବାଡା ଭାଙ୍ଗି ଗଲାଣି।ସେତେବେଳେ ନିର୍ମାଣ କରାଯାଇଥିବା ପଥର ଖୁମ୍ବ ଗୁଡିକ ବିପଜ୍ଜନକ ଅବସ୍ଥାରେ ରହିଛି। କେତେବେଳେଯେ ପୋଲଟି ଭାଙ୍ଗି ପଡିବ ଯାହା କୁହାଯାଇ ନପାରେ।ତେବେ ବିଗତ ଦିନରେ ଏହି ପୋଲ ଦେଇ ଯାଉଥିବା ଜଣେ ଛାତ୍ରୀ ଖସିପଡ଼ି ଆହତ ହୋଇଥିବା ବେଳେ,ପାରାଦୀପ ତୈଳ ବିଶୋଧନା ଗାରରୁ ଡ୍ୟୁଟିସାରି ମଟର ସାଇକେଲରେ ଏହି ପୋଲ ଦେଇ ଯାଉଥିବା ଜଣେ ଲୋକ ନଦୀକୁ ଖସିପଡ଼ି ଥିବାର ଅଭିଯୋଗ ହୁଏ। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ କୁଞ୍ଜ କୋଠି,ଭିତର ଅନ୍ଧାରି,ନୂଆଡିହି ଓ ବଳେଇପୁର ପ୍ରଭୃତି ପଞ୍ଚାୟତ ଅଞ୍ଚଳର ଶହ ଶହ ଲୋକ ବାଲିତୁଠ ବଜାରକୁ ଏବଂ ତୈଳ ବିଶୋଧନାଗାରକୁ ଡ୍ୟୁଟି କରିବାକୁ ଯାଇଥାନ୍ତି।ପୋଲର ଶୋଚନୀୟ ଅବସ୍ଥା ସହିତ ରାସ୍ତା ଅବସ୍ଥା ମଧ୍ୟ ଖୁବ୍ ଶୋଚନୀୟ।୨୦୧୮ ମସିହାରେ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାର ଗୁଆ ମୁଣ୍ଡା ପର୍ଯ୍ୟନ୍ତ ନବୀକରଣ କରାଯାଇଥିଲା।ଇତିମଧ୍ୟରେ ୮ ବର୍ଷ ବିତିଗଲାଣି।ମାତ୍ର ଏଯାବତ୍ ଥରେହେଲେ ରାସ୍ତାର ମରାମତି କରାଯାଇ ନାହିଁ।ଯାହା ଉକ୍ତ ରାସ୍ତା ଏବଂ ରାସ୍ତାରେ ଥିବା ପୋଲ ଦେଇ ସ୍ଥାନୀୟ ଜନସାଧାରଣ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୈନିକ ବିପଦ ସଙ୍କୁଳ ଯାତ୍ରା କରୁଛନ୍ତି।ଯାହା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।ତେବେ ଉକ୍ତ ରାସ୍ତା ସହିତ,ବିପଦ ସଙ୍କୁଳ ପୋଲର ତୁରନ୍ତ ମରାମତି କରାନଗଲେ,ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି, ଜାମୁକଣ, ଭିତର ଅନ୍ଧାରି ଓ ପୋତକ ପ୍ରଭୃତି ଗ୍ରାମର ତପନ ମହାପାତ୍ର,ଚନ୍ଦ୍ରକାନ୍ତ ଗୋଛାୟତ, ସଞ୍ଜୟ ଛାଟୋଇ,କାଳନ୍ଦୀ ମଲ୍ଲିକ, ସୁଦାମ ପରିଡା, ବଲ୍ଲଭ ପ୍ରଧାନ ଓ ନିର୍ବାଚନ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପୁଣି ଖଟରେ ବୁହା ହେଲେ ପ୍ରସୂତୀ



କପ୍ତିପଦା-(ମହାଭାରତ): କପ୍ତିପଦା - ସରକାରଙ୍କ ଯୋଜନା ମାଳ ମାଳ ହେଲେ ଗରିବ ଖଟିଖିଆଙ୍କ ପାଇଁ ସରକାରଙ୍କ ଯୋଜନା ପାଣି ଫୁଟୁକାପରି ଏଭଳି ଏକ ଘଟଣା ଘଟିଛି ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଧନା ସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଆଜି ୮ ଘଟିକା ସମୟରେ ଏକ ଆମ୍ବୁଲାନ୍ସକୁ ଫୋନ୍ ଯୋଗେ ଡକାଯାଇଥିଲା ହେଲେ ଧନା ସାହିର ରାସ୍ତା ଅତ୍ୟନ୍ତ ସଚୋନୀୟ ଅବସ୍ଥାରେ ଥିବା ଯୋଗୁଁ ଆମ୍ବୁଲାନ୍ସଟି ଗ୍ରାମକୁ ପହଞ୍ଚି ପାରିନଥିଲା ଯେଉଁଥିପାଇଁ ଗ୍ରାମ ଲୋକ ତାକୁ ୫ କି.ମି ରାସ୍ତା ଏକ ଖଟରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି କି ନେଉଥିଲେ ହେଲେ ବୋହିଥିବା ଅବସ୍ଥାରେ ନବଜାତ ଶିଶୁଟି ଜନ୍ମ ହୋଇଥିଲା । ସ୍ଥାନୀୟ ଆଶା କର୍ମି ଏବଂ ଅଙ୍ଗନୱାଡ଼ି କର୍ମିଙ୍କୁ ଏଥିନିମନ୍ତେ ଅବଗତ ନଥିବାରୁ ଉକ୍ତ ମହିଳାଙ୍କୁ କୌଣସି ସହଯୋଗ ମିଳିପାରି ନାହିଁ । କପ୍ତିପଦା ବି.ଡି.ଓ ଙ୍କୁ ଧନାସାହି ଗ୍ରାମର ରାସ୍ତା ମରାମତି ନିମନ୍ତେ ଅନେକବାର ଅଭିଯୋଗ କଲେ ମଧ୍ୟ କୈାଣସି ଫଳପ୍ରଦ ହୋଇପାରୁନାହିଁ ଯେଉଁ ଦ୍ୱାରା ଏକ ଆମ୍ବୁଲାନ୍ସ ମଧ୍ୟ ଏଠାକୁ ପହଞ୍ଚି ପାରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି ତେବେ କେବେ ଏହି ଅ□ଳର ସମସ୍ୟାର ସମାଧାନ ହେଉଛି ତାହାକୁ କେବଳ ଅପେକ୍ଷା ।

## ଚାଷୀର ବିକାଶ ପାଇଁ କପ୍ତିପଦାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଉଦଳା (ମହାଭାରତ) - କପ୍ତିପଦା ରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢେଇ, ଏନଏସି ଅଧକ୍ଷ ପ୍ରମିଳା ପଣ୍ଡା, କପ୍ତିପଦା ବିଡ଼ିଓ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଗ୍ରାମା□ଳରେ ଚାଷ ର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ମେଳାରେ ବିଶେଷକରି ମତ୍ସ୍ୟ ଏବଂ ପଶୁ ପାଳନ ପ୍ରୋସାହିତ କରିବା ପାଇଁ ଏହି ପ୍ରୟାସ। କିଭଳି ନୂତନ ଜ୍ଞାନ କୌଶଳ ଆପଣେଇ ଚାଷୀମାନେ ଅଧିକ ରୋଜଗାର କ୍ଷମ ହୋଇପାରିବେ ଏବଂ ତା ସହିତ ଅନ୍ୟମାନଙ୍କୁ ପ୍ରୋସାହିତ କରିବେ। ଚାଷୀ ମାନେ ଉନ୍ନତ କିସମର ବିହନ, ଉନ୍ନତ ମାନର ପ୍ରଣାଳୀ ଏହି ମେଳା ମାଧ୍ୟମରେ ଚାଷୀମାନଙ୍କୁ ଶିକ୍ଷା ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ହେଉଥିବା କାମଧେନୁ ଯୋଜନାରେ ଗୋ ପାଳନ, ମାଛ ଚାଷ, ଘୁଷୁରୀ ଚାଷ, କୁକୁଡ଼ା ଫାର୍ମ ଆଦି କରିବା ପାଇଁ କିପରି ସରକାରଙ୍କ ପକ୍ଷରୁ ସବସିଡି ମିଳିପାରିବ ସେ ନେଇ ମଧ୍ୟ ଏହି ମେଳାରେ ଚାଷୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ କପ୍ତିପଦା ଗଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ଦିଲୀପ କୁମାର ବେହେରା, ଉଦଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଶରତ କୁମାର ପାତ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଶୁଭମ ଶେଖର ସ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ନିର୍ମଳ ଚନ୍ଦ୍ର ବାରିକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା କୁନ୍ଦନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ସମ୍ଭାବ୍ୟ ଲଘୁଚାପ ଭୟ ତରବରିଆ ଭାବେ ଧାନ ଫସଲ କାଟି ନେଉଛନ୍ତି ଚାଷୀ

ଗଜପତି (ମହାଭାରତ): ପୁଣି ଥରେ ଆଉ ଏକ ସମ୍ଭାବ୍ୟ ଲଘୁଚାପ ସୃଷ୍ଟି ସୃଷ୍ଟି ହେବା ନେଇ ପାଣିପାଗ ଆକଳନ କରିଛ। ଏହାର ପ୍ରଭାବରେ। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବା ବା ନେଇ ପୂର୍ବାନୁମାନ କରାଯାଉଛି। ଏଭଳି କିଛି ସୂଚନା ପାଇବା ପରେ ଗଜପତି ଜିଲ୍ଲାରେ କୃଷକ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଅନେକ ଅଞ୍ଚଳରେ ଧାନ ପାଚି ଯାଇଥିଲେ ମଧ୍ୟ ଜମି ଓଦାଥିବାରୁ ଫସଲ କାଟି ପାରି ନାହାନ୍ତି, ତେଣୁ ଏବେ ଚାଷୀ ବର୍ଷା ସୂଚନା ପାଇ ଚିନ୍ତିତ ହୋଇ ପଡି ଛନ୍ତି। ଧାନଫସଲ ଅମଳ ସମୟରେ ବର୍ଷା ହେଲେ ଫସଲ ସଂପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି । ଫସଲ ନଷ୍ଟ ହେବା ଭୟରେ ଚାଷୀ ବର୍ତ୍ତମାନ ତରତର ହୋଇ ଧାନ ଫସଲକୁ କାଟି ଅମଳରେ ଲାଗି ପଡିଛନ୍ତି ଓ ଗଜପତି ଜିଲ୍ଲା ରେ ଚାଷୀ ବର୍ତ୍ତମାନ୍ ସଙ୍କଟ ରେ ପଡ଼ି ଯାଇଛନ୍ତି । ବର୍ତ୍ତମାନ୍ ପର୍ଯ୍ୟନ୍ତ ଆସି ଥିବା ବାତ୍ୟା ର କ୍ଷୟ କ୍ଷତି ପାଇ ନାହାନ୍ତି ପୁଣି ବର୍ଷା ଚାଷୀ ଙ୍କୁ ନିଜର ଜୀବନ ଜୀବିକା କୁଟ ମ୍ଵ କିପରି ପ୍ରତି ପୋଷଣ କରିବେ ଧାର କରଜ କରି ଚାଷ କରିଥିବା ଚାଷୀ ଋଣ କିପରି ଶୁଝିବେ ଚିନ୍ତା ରେ ଚାଷୀ ବର୍ତ୍ତମାନ୍ କେବଳ ଭଗବାନ ଭରସା।

## ଜବହାର ନବୋଦୟ ବିଦ୍ୟାଳୟ ଠାରେ ଆଦର୍ଶ ଯୁବ ଗ୍ରାମ ସଭା ଅନୁଷ୍ଠିତ

ନର୍ଲା ,( ମହାଭାରତ) କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଚପଟ ଖଣ୍ଡା ଠାରେ ଅବସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ସଭାଗୃହ ଠାରେ ବିଦ୍ୟାଳୟ ର ଉପାଧକ୍ଷ ଶ୍ରୀଯୁକ୍ତ ଯତୀନ କୁମାର ରଥ ଙ୍କ ଅଧକ୍ଷତାରେ ଆଜି ଶନିବାର ଅପରାହ୍ନ ତିନିଟା ସମୟରେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ଗ୍ରାମୀଣୀ ଗ୍ରାମସଭା ବିଷୟରେ ଏକ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ ବିଦ୍ୟାଳୟର ଅନେକ ଛାତ୍ର ଛାତ୍ରୀ ତ୍ରିସ୍ତରୀୟ ପଞ୍ଚାୟତ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ବିଜୁଳି, ଗମନାଗମନ ଭଳି ଅନେକ ଜନହିତକର ଯୋଜନା ପ୍ରଣୟନ ପାଇଁ ଗ୍ରାମସଭା ମାଧ୍ୟମରେ କି ଭଳି ଭାବରେ ପ୍ରସ୍ତାବ ଗୃହୀତ କରାଯାଇ ଅନୁମୋଦନ ପାଇଁ ପ୍ରେରଣ କରାଯାଇଥାଏ ଓ ତାର ପରବର୍ତ୍ତୀ ସମୟରେ ଜି ଭାଳି ଭାବରେ ବିକାଶ ମୁଖି କର୍ଯ୍ୟରେ ସଫଳ ରୂପାୟନ ହୋଇଥାଏ ରୂପାନ୍ତରିତ କୁ ନେଇ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଗ୍ରାମସଭା ସମ୍ବନ୍ଧିତ ଅଧିକାରୀ କର୍ମଚାରୀ ଓ ବିଭିନ୍ନ ବର୍ଗର ଗ୍ରାମବାସୀ ଅଭିନୟ ଭୂମିକାରେ ନିଖୁଣ ଭାବରେ ପ୍ରତିପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ତନୁଜା ହରିପାଳ ଅଂଶ ଗ୍ରହଣ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସୁମନ ସରୋଜ, ଦେବେନ୍ଦ୍ର କୁମାର ବାରିକ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ମଞ୍ଚାଷିନ ଥିବା ବେଳେ ମଞ୍ଚ ପରିଚାଳନା ରେ ସତିଶ୍ କୁମାର, ସୁନିଲ କୁମାର ମେହେର, ସିମାଲଲ ଧିମାନ, ପ୍ରୀୟବାନା ମୂରଲୀ କ୍ରିଷନ ସହଯୋଗ କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ

ଗଜପତି(ମହାଭାରତ): ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପାରଳାଖେମୁଣ୍ଡି ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି।ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାସଙ୍କ ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ,ଗଜପତି ଶ୍ରୀ ଆମ୍ପୋଲୁ ରବି କୁମାର,ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ସାମ୍ବିକ କୁମାର ପଟନାୟକ ମିଳିତ ଭାବେ ବିଜ୍ଞାନ ପ୍ରଦର୍ଶନୀ କୁ ରିବନ୍ କାଟି ଉଦଘାଟନ କରିଥିଲେ। ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ଏନର୍ଜି କ୍ଲବ ଅଧୀନରେ ବିଦ୍ୟାଳୟରେ ୬୫ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାସଙ୍କ ସହ ଅନ୍ୟାନ୍ୟ ମଞ୍ଚାସୀନ ଅତିଥିବୃନ୍ଦ ଛାତ୍ରମାନଙ୍କ ପ୍ରୋଜେକ୍ଟ ଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିବା ସହ ସେଗୁଡ଼ିକର ମୂଲ୍ୟାୟନ କରିଥିଲେ ଓ ଆସନ୍ତା ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଶ୍ରେଷ୍ଠ ବିବେଚିତ ୧୬ ଜଣ ଛାତ୍ରଙ୍କୁ ଚୟନ କରିଥଲେ ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡି .ଶ୍ରୀରାମ ମୂର୍ତ୍ତୀ,ଶିକ୍ଷୟିତ୍ରୀ ଶ୍ରୀମତୀ ସୁଲତା ଶୁଭଦର୍ଶୀନୀ ,ଶ୍ରୀମତୀ ସସ୍ମିତା ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ହେବା ସଙ୍ଗେ ସଙ୍ଗେ ଶ୍ରୀ ଜଗନ୍ନାଥ ପଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସ୍ଥାୟୀ କର୍ମ ନିଯୁକ୍ତି ଯୋଗାଇଦେବା ନେଇଁ ଯୁବ ବିକାଶ ପରିଷଦ ପକ୍ଷରୁ ବେଦାନ୍ତ କମ୍ପାନୀକୁ ଦାବୀପତ୍ର ପ୍ରଦାନ



ଲାଞ୍ଜିଗଡ଼,(ମହାଭାରତ ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ଦୀର୍ଘ ବର୍ଷ ହେଲା ସ୍ଥାପିତ ହୋଇଛି ବେଦାନ୍ତ କାରଖାନା। ଏହି ବେଦାନ୍ତ କାରଖାନା ଦୀର୍ଘ ବର୍ଷ ଧରି ସ୍ଥାପିତ ହୋଇଥିଲେ ମଧ୍ୟ ଶିକ୍ଷିତ ବେକାରୀ ଯୁବକ ଯୁବତୀ ଓ ସ୍ଥାନୀୟ ବାସୀ ମାନଙ୍କୁ ନିଯୁକ୍ତି ଦିଯାଉନାହିଁ।କମ୍ପାନୀ ମାନଙ୍କ ନିୟମାନୁଯାୟୀ ବିଭିଓ ପ୍ରକାର ଧନ୍ଦା ମୂଳକ ଶିକ୍ଷା, ଟେକନୋଲୋଜିର ପ୍ରସାର ଓ ଉନ୍ନତି କରଣ କରାଯାଉନାହିଁ,ଗ୍ରାମାଞ୍ଚଳର ପ୍ରତିଭା ଥିବା ଗରିବ ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ପ୍ରତି ଧ୍ୟାନ ଦିଆଯାଉନାହିଁ।ଯେଉଁ ଜମିରେ ଆଜି ବେଦାନ୍ତ ଠିଆ ହୋଇଛି ସେଇ ଜମିହରା ମାନଙ୍କୁ କମ୍ପାନୀର ଗାଇଡ଼ଲାଇନ ହିସାବରେ ନିଯୁକ୍ତି ବା ସୁବିଧା ସୁଯୋଗ ଦିଆଯାଉନାହିଁ,ଗରିବ ଜନସାଧାରଣଙ୍କୁ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ମଧ୍ୟ ଯୋଗାଇ ଦିଆଯାଉନାହିଁ ସେହିପରି ଲାଞ୍ଜିଗଡ଼ ଠାରେ ଡିପ୍ଲୋମା କଲେଜ ପ୍ରତିଷ୍ଠା,ଉନ୍ନତ ମାନର ଚିକିତ୍ସା କେନ୍ଦ୍ର,ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି,ପିଇବା ପାଣି, ନିୟମଗିରି ପାହାଡ଼ ଉପରେ ରହୁଥିବା ସମସ୍ତ ଜନଜାତି, ଜାତି, ପଛୁଆ ବର୍ଗଙ୍କୁ ଯଥା ସମ୍ଭବ ଜମିପଟ୍ଟା ପ୍ରଦାନ ସମେତ ଏଭଳି ୩୦ ଦଫା ଦାବୀ ନେଇଁ ଆଜି କଳାହାଣ୍ଡି ଯୁବ ବିକାଶ ପରିଷଦ ପକ୍ଷରୁ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀକୁ ଯାଇ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଯୁବ ବିକାଶ ପରିଷଦର ଶଶୀଦେବ ମହାନନ୍ଦ,ମହେନ୍ଦ୍ର ରଣା,କିରଣ ମାଝୀ,ଭୁବନେଶ୍ୱର ଦୁର୍ଗା,ଦୁର୍ଯ୍ୟୋଧନ ଦୁର୍ଗା ସମେତ ଧର୍ମେନ୍ଦ୍ର ନାଏକ ପ୍ରମୁଖ ସାମିଲ ଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର

ଉଦଳା (ମହାଭାରତ ) - ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ ଉକ୍ତ ବିଭାଗର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଆନୁକୁଲ୍ୟରେ ଉଦଳା ବ୍ଲକସ୍ତରୀୟ ଭୀମଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ଉଦଳା ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଳା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପାଧକ୍ଷ ରଜନୀ ଦାସ, ବିଡିଓ ସମରଜ୍ଜି କର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ, ଏନଏସି ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚନ୍ଦ, ସିଡିପିଓ କୃଷ୍ଣା ମହାପାତ୍ର, ଦିବ୍ୟାଙ୍ଗ ମହାମ□ ସଭାପତି ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିର ଉଦଘାଟନ କରିଥିଲେ ।ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଣୟନ କରାଯାଇଥିବା ବିଭିଓ ଯୋଜନା ଗୁଡିକ ଉକ୍ତ ଶିବିର ମାଧ୍ୟମରେ ଗୋଟିଏ ସ୍ଥାନରୁ ପାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ।

## ଆସିକା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡିଛି

ଆସିକା (ମହାଭାରତ): ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡିଥିବା ଯୋଗୁଁ ଆସିକା ବ୍ଲକରେ ଥିବା ୨୭ଟି ପଞ୍ଚାୟତ ର ଥିବା ୨୫୧ଟି ଅଙ୍ଗନବାଡି କେନ୍ଦରେ ଶିଶୁ ମାନଙ୍କ ଲାଗି ଉଦିଷ୍ଟ କାର୍ଯ୍ୟକ୍ରମ ଠପ ହୋଇଯାଇଛି। ଗତ ୩୧ ଜୁଲାଇ ମାସ ଶେଷରୁ ଏଠାରେ କାର୍ଯ୍ୟରତ ସିଡିପିଓ ଇନ୍ଦିରା ମହାପାତ୍ର ପଦୋଉନ୍ନତି ପାଇ କନ୍ଧମାଳ ଚାଲିଯିବ ପରଠାରୁ ଏହି ପଦବୀ ଖାଲି ପଡିଛି। ଧରାକୋଟ ସିଡିପିଓ ସୁନୀଲପ୍ରଭା ରଥ ଆସିକା ଦାଇତ୍ୱରେ ଥିଲେ ମଧ୍ୟ ସେ ଆସିକା କାର୍ଯ୍ୟଳୟ କୁ ଆସୁ ନାହାନ୍ତି ।ଯାହାଦ୍ୱାରା ଶିଶୁ ମାନଙ୍କ ପାଇ ଉଦିଷ୍ଟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଅନୁରୂପ ଆସିକା ସିଡିପିଓ କାର୍ଯ୍ୟାଳୟ ରେ ୧୧ଟି ସୁପରଭାଇଜର ପଦବୀରୁ ୭ଜଣ ଥିବା ବେଳେ ୪ଟି ଖାଲି ପଡିଛି ଯାହାଦ୍ୱାରା ଆସିକାର ଅଙ୍ଗନବାଡି କେନ୍ଦ୍ର ଗୁଡିକ ନିୟମିତ ଖୋଲାଯାଉନି,ଶିଶୁ ମାନଙ୍କ ଲାଗି ଉଦିଷ୍ଟ ଖାଦ୍ୟ,ପୋଷାକ ବଣ୍ଟନ କରାଯାଉନି, କେନ୍ଦ୍ର ଗୁଡିକରେ ସାମଗ୍ରୀ ବ□ନରେ ବହୁ ଦୁର୍ନୀତି ହେଉଛି ତେଣୁ ଯଥାଶୀଘ୍ର ସ୍ଥାୟୀ ସିଡିପିଓ ନିଯୁକ୍ତି କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବୀ ହେଉଛ।

## ଜିଲ୍ଲା ସ୍ତରୀୟ ନାଟକ,ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାକୁ ନେଇ ପରବ ପ୍ରସ୍ତୁତି

କୋରାପୁଟ ଜିଲ୍ଲା ସ୍ତରୀୟ ନାଟକ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାକୁ ନେଇ ପରବ ପ୍ରସ୍ତୁତି ବୈଠକ ଜୟପୁର ଉପଜିଲ୍ଲାପାଳଙ୍କ ସମ୍ମୀଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଆକାବରମ ସସ୍ୟା ରେଡ୍ଡୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଳା ଓ ସାଂସ୍କୃତି ଅଧିକାରୀ ସୁର୍ଯ୍ୟକାନ୍ତ ବେହେରା, ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ବିଡ଼ିଓ ଶକ୍ତି ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ଜୟପୁର ସରକାରୀ କଳା ମହାବିଦ୍ୟାଳୟର ଅଧକ୍ଷ, ଜୟପୁର ପ୍ରିୟା ଥିଏଟର ଗ୍ରୁପ୍ ର ସଦସ୍ୟ,କଳା ଓ କଳାକାର ସଦସ୍ୟ ଏବଂ ସଙ୍ଗୀତ ନିର୍ଦ୍ଦେଶକ, ଜୟପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରମୁଖଙ୍କ ସହ ବିଭିଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଜୟପୁର ଠାରେ ୨ ଡିସେମ୍ବର ଠାରୁ ୮ ଡିସେମ୍ବର ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ନାଟକ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଜୟପୁର ଗୀତାଞ୍ଜଳି କଲ୍ୟାଣ ମଣ୍ଡପ ଠାରେ ୨ ଡିସେମ୍ବର ଠାରୁ ଆରମ୍ଭ ହୋଇ ଡ଼ିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ସଙ୍ଗୀତ ପ୍ରତିଯୋଗିତା ୩ ଡିସେମ୍ବର ଠାରୁ ୫ ଡିସେମ୍ବର ପର୍ଯ୍ୟନ୍ତ ସଙ୍ଗମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବାକୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ଆଦିବାସି ଗୀତ ସଂଗୀତ, ଭଜନ, ଏବଂ ଫୋକ୍ ଗୀତ ପାଇଁ ତିନୋଟି ଶ୍ରେଣୀ କରାଯାଇଛି। ୬ ଡିସେମ୍ବର ଗୀତାଞ୍ଜଳି କଲ୍ୟାଣ ମଣ୍ଡପ ଠାରେ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ବିଜେତାଙ୍କୁ ପୁରସ୍କୃତ ବିତରଣ କରାଯିବ। ୮ ଡିସେମ୍ବରରେ କଳା ବିଦ୍ୟାଳୟ ଠାରେ ଚିତ୍ର କଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲା ର ୧୪ ଟି ବ୍ଲକ ର କଳାକାର ଏବଂ ସ୍କୁଲ୍, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନ ର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

# ପରିବେଶ ସୁରକ୍ଷା ଆମର ଉତ୍ତରଦାୟିତ୍ୱ



ଦଶପଲ୍ଲା,(ମହାଭାରତ ): ମାନବ ବଞ୍ଚବା ପାଇଁ ଏକ ସ୍ୱଚ୍ଛ ପରିବେଶର ଗୁରୁତ୍ୱ। ଏହି ପରିପ୍ରେକ୍ଷୀରେ ଆଜି ଦଶପଲ୍ଲା ବ୍ଲକ ଟାକରା ପଂଚାୟତ ଅନ୍ତର୍ଗତ ମିଟୁକୁଳି ଗ୍ରାମ ନିକଟରେ ଥିବା ରତ୍ନଗଣ୍ଡ ଝରଣାକୁ ଗ୍ରାମସଭା ସମୂହ, ଦଶପଲ୍ଲା ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାନାମ୍ବର ନାୟକ, ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ସହଯୋଗ କରିଥିବା ବେଳେ ଟାକରା, ମିଟୁକୁଳି, ବାଙ୍କଡୈଳା, ବୁଗୁଡ଼ା, ପାନାବାରୀ ଗ୍ରାମର ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରତ୍ନଗଣ୍ଡ ଜଳପ୍ରପାତର ସଫେଇ କରିଥିଲେ। ଗ୍ରାମସଭା ସମୂହ, ଦଶପଲ୍ଲା କମିଟିର ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି କି ପ୍ରତ୍ୟକବର୍ଷ ପିକନିକ ଋତୁରେ ଏହି ପ୍ରଯ୍ୟଟନ ସ୍ଥଳୀକୁ ବୁଲିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥିବାବେଳେ ଭୋଜିଭାତ କରି ଫେରିଲା ବେଳକୁ ପ୍ଲାଷ୍ଟିକ ବୋତଲ, ଜରି, ମଦ୍ୟପାନ କରି କାଚବୋତଲ କୁ ଏଣେତେଣେ ଫୋପାଡ଼ି ଦେଇଚାଲି ଯାଉଛନ୍ତି। ଫଳରେ ଅନ୍ୟପାଇଁ ଏହା ବିପଦ ସାଜୁଥିବାବେଳେ ବହୁ ସମସ୍ୟା ଘଟୁଛି। ତେଣୁ ଆମର ଏଥିପାଇଁ ଏ ପ୍ରୟାସ ଜଳପ୍ରପାତଟିକୁ ସଫାକରିବା ସହିତ ପ୍ରଚାରପ୍ରସାର, ହୋଡିଂ ଲଗାଇ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନତା କରିବା ମଧ୍ୟ ଆମର ମୂଳ ଲକ୍ଷ୍ୟବୋଲି କହିବା ସହ ଜଙ୍ଗଲସୁରକ୍ଷା, ପରିବେଶ ରକ୍ଷା କରିବା, ସୁଦ୍ଧ ପରିବେଶ ସୃଷ୍ଟି କରିବା ମଧ୍ୟ ଆମର ଦାୟୀତ୍ୱ ବୋଲି କହିଛନ୍ତି ।ଲୋକମାନଙ୍କ ମନରେ ଥିବା ନକରାତ୍ମକ ଚିନ୍ତାଧାରାକୁ ଦୁରେଇ ରତ୍ନଗଣ୍ଡ କୁ ଆସିଲେ ଅଳିଆ,ଆବର୍ଜନା ନକରି ବରଂ ଗୋଟିଏ କଡ଼ରେ ରଖିଯିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି କମିଟି।

# ରାସ୍ତା ପାଇଁ ଯମ ଯନ୍ତ୍ରଣା ଭୋଗୁଛନ୍ତି ଲାଞ୍ଜିଗଡ ଉପାନ୍ତ ଅଞ୍ଚଳବାସୀ



ଲାଞ୍ଜିଗଡ,(ମହାଭାରତ) କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ବ୍ଲକରେ ବର୍ଷ ବର୍ଷ ଧରି ବିଭିଓ ସମସ୍ୟା ଲାଗି ରହିଛି ।ଏଥି ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା ।ବ୍ଲକରେ ୨୬ ଗୋଟି ପଞ୍ଚାୟତରେ ୪୭୦ରୁ ଉର୍ଦ୍ଧ୍ୱ ଗାଁ ରହିଥିବା ବେଳେ ବର୍ତ୍ତମାନ ମଧ୍ୟ ୬୦ରୁ ଉର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ। ଯେଉଁ ରାସ୍ତା ଅଛି ତାହା ବର୍ଷ ବର୍ଷ ଧରି ମରାମତି ହେଉନାହିଁ। ଯାହା ଫଳରେ ଅନେକ ରାସ୍ତା ଖାଲଖମାରେ ଭର୍ତ୍ତୀ ହୋଇ ରହିଥିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ମରଣ ଯନ୍ତା ସାଜିଛି। ଲାଞ୍ଜିଗଡ ଉପାନ୍ତ ଅଞ୍ଚଳ ପାଇଁ ଜୀବନ ରେଖା ପାଲଟିଥିବା ବେନଗାଁ ଠାରୁ ଲାଞ୍ଜିଗଡ଼ କୁ ସଂଯୋଗ କରୁଥିବା ପୂର୍ତ୍ତବିଭଗ ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ପାହାଡପଦର, ମାଳିଯୁବାଙ୍ଗ, ବିଜେପୁର, ଲାଖବାହାଲି,ଓ ବେନଗାଁ ପଞ୍ଚାୟତର ଶତାଧିକ ଗାଁ ଲୋକେ ଏହି ରାସ୍ତା ଦେଇ ବ୍ଲକ କାର୍ଯ୍ୟାଳୟ ଆସିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ଏହି ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାଟି ସଙ୍କୁଚିତ ହୋଇ ରହିଛି ଓ ରାସ୍ତା ଦୁଇ ପାର୍ଶ୍ୱରେ ଅନାବନା ଗଛ ଯୋଗୁଁ ଯାତାୟାତରେ ସମସ୍ୟା ଦେଖାଯିବା ସହିତ ଦୁର୍ଘଟଣା ହେବାର ବହୁତ ଆଶଙ୍କା ରହିଛି । ସେହିପରି କୁମାରଗୁଡା ଠାରୁ ତାଲବରା, ଥୁଆଙ୍ଗ ପଦର ଠାରୁ ଘାଟି କୁଣ୍ଡରୁ ଓ ଘାଟି କୁଣ୍ଡରୁ ଠାରୁ ପାହାଡ ପଦର ରାସ୍ତା ମଧ୍ୟ ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି । ଉକ୍ତ ରାସ୍ତାର ମରାମତି ଆବଧି ସୀମା ରହିଥିଲେ ମଧ୍ୟ ଏବେ ଯାଏଁ କୌଣସି ପ୍ରକାର ମରାମତି ହୋଇନାହିଁ । ଅଞ୍ଚଳ ବାସି ଙ୍କ ଅଭିଯୋଗ ସତ୍ତେ□ମଧ୍ୟ ପ୍ରଶାସନ ଦୃଷ୍ଟି ନଦେବାରୁ ବର୍ଷ ବର୍ଷ ଧରି ରାସ୍ତାର ରକ୍ଷଣା ବେକ୍ଷଣ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ପ୍ରତି ଜିଲ୍ଲାପାଳ ତଥା ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମତପ୍ରକାଶ ପାଉଛି।

## ଶପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁର ପରିସରରେ ଶପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମାତୃଭାରତୀ ସଭାପତି ନିରୁପମା ସିଂ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାନ୍ତଃ ମାତୃଭାରତୀ ସହମନ୍ତ୍ରୀ ସସ୍ମିତା ଭୂୟାଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ ଉପରେ ନିଜର ମତପୋଷଣ କରିଥିଲେ। ମାତୃମଣ୍ଡଳୀ ତରଫରୁ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଯୋଗଦେଇ ତାଙ୍କ ଅଭିଭାଷଣରେ ଉପସ୍ଥିତ ମାତୃମଣ୍ଡଳୀଙ୍କୁ ଘରେ ଘରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ବିଦେଶୀ ଦ୍ରବ୍ୟ ବର୍ଜନ ଓ କୃଷି କ୍ଷେତ୍ରରେ ରାସାୟନିକ ସାର କମ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଦସ୍ୟା ସସ୍ମିତା ନାୟକ ଯୋଗଦେଇଥିବା ବେଳେ ଶିଶୁ ବାଟିକା ପ୍ରମୁଖ ପୁଷ୍ପଲତା ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ରଖିଥିଲେ। ସକୁନ୍ତଳା ଓଝା ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁପ୍ରିତି ମହାନ୍ତି ସଂକଳନ ଓ ଶୌଭାଗିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିବା ବେଳେ ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା, ସେବକ/ସେବିକା କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।।

# ଦିଲ୍ଲୀ ବିସ୍ଫୋରଣ: ୨୦୨୩ରେ ଆରମ୍ଭ ହୋଇଥିଲା ଷଡ଼୍‌ଯନ୍ତ୍ର





ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣ(୧୦/୧୧) ମାମଲାର ତଦନ୍ତରୁ ଜଣାପଡ଼ିଛି ଯେ, ଭାରତର ଅନେକ ସହରରେ ବିସ୍ଫୋରଣ ଘଟାଇବା ପାଇଁ ଜୈସ ସହ ଜଡିତ ହ୍ୱାଇଟ୍ କଲର୍ ଆତଙ୍କବାଦୀ ମଡ୍ୟୁଲ୍ ଏକ ଘୃଣ୍ୟ ଷଡ଼୍‌ଯନ୍ତ୍ର କରିଥିଲା। ଜଣେ ଆତଙ୍କବାଦୀ ଅଭିଯୁକ୍ତ ସ୍ୱୀକାର କରିଛି ଯେ ୨୦୨୩ରେ ଏହି ଷଡ଼୍‌ଯନ୍ତ୍ର କରାଯାଇଥିଲା। ଆତ୍ମଘାତୀ ବିସ୍ଫୋରଣକାରୀ ଉମର ମହମ୍ମଦର ସହଯୋଗୀ ଡାକ୍ତର ମୁଜାମିଲ ଶକିଲ ଜାତୀୟ ତଦନ୍ତକାରୀ ଏଜେନ୍ସି ଦ୍ୱାରା ପଚରାଉଚରା ସମୟରେ ଦାବି କରିଛି ଯେ ସେ ଦୁଇବର୍ଷ ଧରି ବିସ୍ଫୋରଣ ପାଇଁ ପ୍ରସ୍ତୁତ ହେଉଥିଲା। ଏହି ଦୁଇ ବର୍ଷ ମଧ୍ୟରେ ସେ ବିସ୍ଫୋରକ, ରିମୋଟ୍ ଓ ଅନ୍ୟାନ୍ୟ ବୋମା ତିଆରି ସାମଗ୍ରୀ ସଂଗ୍ରହ କରୁଥିଲା। ମୁଜାମିଲକୁ ୟୁରିଆ ଓ ଆମୋନିୟମ୍ ନାଇଟ୍ରେଟ୍ କିଣିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେ ହରିୟାଣାର ଗୁରୁଗ୍ରାମ ଓ ନୁହରୁ ୩ ଲକ୍ଷ ଟଙ୍କାରେ ୨୬ କ୍ୱିଣ୍ଟାଲ ଏନ୍ ?ପିକେ ସାର କିଣିଥିଲା। ଫରିଦାବାଦର ଦୁଇଟି ଭିନ୍ନ ବଜାରରୁ ଇଲେକ୍ଟ୍ରୋନିକ୍ ଉପାଦାନ କିଣାଯାଇଥିବା ବେଳେ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ନୁହରୁ କିଣାଯାଇଥିଲା। ରାସାୟନିକ ପଦାର୍ଥ ସଂରକ୍ଷଣ କରିବା ପାଇଁ ଡାକ୍ତର ଏକ ବଡ଼ ଫ୍ରିଜର ମଧ୍ୟ କିଣିଥିଲା। ରାସାୟନିକ ପଦାର୍ଥ ପ୍ରସ୍ତୁତ କରିବା ପାଇଁ ୟୁରିଆ ଗ୍ରାଇଣ୍ଡ କରିବା ଲାଗି ମୁଜାମିଲ ଦ୍ୱାରା ବ୍ୟବହୃତ ଏକ ଅଟା ମିଲ୍ ମଧ୍ୟ ଉଦ୍ଧାର କରାଯାଇଛି। ଦିଲ୍ଲୀ ବିସ୍ଫୋରଣ ଷଡ଼୍ ?ଯନ୍ତ୍ର ପାଇଁ ଆତଙ୍କବାଦୀମାନେ ନିଜେ ପାଣ୍ଠି ଯୋଗାଡ଼ କରିଥିଲେ। ସେମାନେ ବିସ୍ଫୋରକ ସାମଗ୍ରୀ କିଣିବା ପାଇଁ ନଗଦ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ। ଏହା ପରେ ଏହି ରାଶି ଉମରକୁ ହସ୍ତାନ୍ତର କରାଯାଇଥିଲା। ଆତ୍ମଘାତୀ ବିସ୍ଫୋରଣକାରୀ ନିଜେ ୨ ଲକ୍ଷ ଟଙ୍କା ଦାନ କରିଥିଲା। ମୁଜାମିଲ ଆଉ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ ଆତଙ୍କବାଦୀ ମଡ୍ୟୁଲର ଅନ୍ୟ ସଦସ୍ୟ ଆଦିଲ ରାଥର ଓ ମୁଜାଫର ରାଥର ୮ ଲକ୍ଷ ଓ ୬ ଲକ୍ଷ ଟଙ୍କା ଦାନ କରିଥିଲେ। ଲକ୍ଷ୍ନୌର ଶାଇନ ସଇଦ ୫ ଲକ୍ଷ ଟଙ୍କା ଦେଇଥିଲା। ଅଲ୍-ଫଲାହ ବିଶ୍ୱବିଦ୍ୟାଳୟରେ ଉମର ଓ ମୁଜାମିଲ ମଧ୍ୟରେ ଟଙ୍କାକୁ ନେଇ ଝଗଡା ହୋଇଥିଲା। ଏହା ପରେ ଉମର ମୁଜାମିଲକୁ ତା' ରେଡ୍ ଇକୋସ୍ପୋର୍ଟ କାର୍ ଦେଇଥିଲା। ପରେ ଗାଡିଟି ଫରିଦାବାଦରୁ ଉଦ୍ଧାର କରାଯାଇଥିଲା। ଉମର ନିଜକୁ ବିସ୍ଫୋରଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ହେପାଜତରେ ଅଛନ୍ତି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି। ସେମାନେ ଫରିଦାବାଦସ୍ଥିତ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ଏକାଠି କାମ କରୁଥିଲେ, ଯାହା ମଧ୍ୟ ଆର୍ଥିକ ଅନିୟମିତତା ଅଭିଯୋଗରେ ସ୍କାନରରେ ଅଛି। ମୁଜାମିଲ୍ ୬.୫ ଲକ୍ଷ ଟଙ୍କାରେ ଏକ ଏକେ-୪୭ ରାଇଫଲ୍ କିଣିଥିବା ସ୍ୱୀକାର କରିଛି, ଯାହା ପରେ ଆଦିଲ୍ ରାଥରର ଲକରରୁ ଉଦ୍ଧାର କରାଯାଇଥିଲା। ସେ ତାଙ୍କ ହ୍ୟାଣ୍ଡଲରଙ୍କ ନାମ ମଧ୍ୟ ପ୍ରକାଶ କରିଛି। ତା' ହ୍ୟାଣ୍ଡଲର୍ ମନସୁର ଥିବାବେଳେ ହାସିମ୍ ଉମରର ହ୍ୟାଣ୍ଡଲର୍ ଥିଲା। ଉଭୟ ଇବ୍ରାହିମ୍ ନାମକ ଜଣେ ବ୍ୟକ୍ତିର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ତେହେରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ସହ ଜଡିତ ଓକାସାର ନିର୍ଦ୍ଦେଶରେ ମୁଜାମିଲ, ଆଦିଲ ଓ ମୁଜାଫର ତୁର୍କୀ ଯାତ୍ରା କରିଥିଲେ। ଆଫଗାନିସ୍ତାନରେ ପ୍ରବେଶ କରିବାର ଯୋଜନା ଥିଲା କିନ୍ତୁ ପ୍ରାୟ ଏକ ସପ୍ତାହ ଅପେକ୍ଷା କରିବା ପରେ ସେମାନଙ୍କ ହ୍ୟାଣ୍ଡଲର୍ ପଛକୁ ଫେରିବାକୁ କହିଥିଲା। ସୂତ୍ରରୁ ପ୍ରକାଶ ଯେ, ଉମର ବିସ୍ଫୋରକ ସାମଗ୍ରୀ କିଣିବା ପୂର୍ବରୁ ଇଣ୍ଟରନେଟରେ ବୋମା ତିଆରି ଭିଡିଓ ଦେଖୁଥିଲା। ଏହି ଷଡ଼୍ ?ଯନ୍ତ୍ର ବର୍ତ୍ତମାନ ତଦନ୍ତକାରୀ ସଂସ୍ଥାର ରାଡାରରେ ଅଛି। ତଦନ୍ତରେ ଏକାଧିକ ବିଦେଶୀ ଲିଙ୍କ୍ ଓ ଘରୋଇ ମଡ୍ୟୁଲ୍ ସାମ୍ନାକୁ ଆସିଛି।

# ଥାଣେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୪ମୃତ

ମହାରାଷ୍ଟ୍ର : ମହାରାଷ୍ଟ୍ରର ଥାଣେରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଥାନେ ଜିଲ୍ଲାର ଅମ୍ବରନାଥରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣା ଅମ୍ବରନାଥ ଫ୍ଲାଏଓଭରରେ ଘଟିଛି ବୋଲି ସୂଚନା ମିଳିଛି । ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଅମ୍ବରନାଥ ପଶ୍ଚିମରୁ ପୂର୍ବକୁ ଯାଉଥିବା ଏକ ଟାଟା ନେକ୍ସନ୍ କାର ହଠାତ୍ ନିୟନ୍ତ୍ରଣ ହରାଇ ବିପରୀତ ଦିଗରୁ ଆସୁଥିବା କେତେଗୁଡିଏ ମୋଟରସାଇକେଲ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣାର ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଡ୍ରାଇଭରଙ୍କର ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣାର ସିସିଟିଭି ଫୁଟେଜ୍ ଏବେ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେବାରେ ଲାଗିଛି । କାରଟି ଦ୍ରୁତ ଗତିରେ ଆସୁଥିଲା ଏବଂ ନିୟନ୍ତ୍ରଣ ହରାଇ ବିପରୀତ ଲେନକୁ ଚାଲିଗଲା ଏବଂ ସାମ୍ନା ପଟୁ ଆସୁଥିବା ବାଇକ ଆରୋହୀଙ୍କୁ ଧକ୍କା ଦେଲା । ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ଫ୍ଲାଏଓଭରରୁ ଛିଟିକି ପଡ଼ି ଘଟଣାସ୍ଥଳେ ମୃତ୍ୟୁବରଣ କରିଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଦୁର୍ଘଟଣାରେ ଜଡ଼ିତ ଟାଟା ନେକ୍ସନ୍ ଅମ୍ବରନାଥ ଶିବସେନା ନେତା ପ୍ରମୋଦ ଚୌବେଙ୍କ ନାମରେ ଥିବା ସୂଚନା ମିଳିଛି । ଦୁର୍ଘଟଣା ସମୟରେ ତାଙ୍କ ପତ୍ନୀ ସୁମନ ଚୌବେ ମଧ୍ୟ କାରରେ ଥିଲେ । ସୁମନ ଚୌବେ ଶିବସେନା (ସିନ୍ଦେ ଗୋଷ୍ଠୀ)ରୁ ପୌର ପରିଷଦ ନିର୍ବାଚନ ଲଢ଼ିଛନ୍ତି । ପ୍ରଚାର ପାଇଁ ବୁଆପଡା ଯାତ୍ରା କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା । ତାଙ୍କ ହାତ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଛି । ଦୁର୍ଘଟଣା ପରେ କାର ଭିତରେ ଫସି ରହିଥିବାରୁ ସ୍ଥାନୀୟ ଲୋକମାନେ ଝରକା ଭାଙ୍ଗି ତାଙ୍କୁ ବାହାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଅନ୍ୟପଟେ ଡ୍ରାଇଭରଙ୍କୁ ହଠାତ୍ ହୃଦଘାତ ହୋଇଥିଲା, ଯାହା ଫଳରେ ସେ ଭୁଲବଶତଃ ଆକ୍ସିଲେଟରକୁ ଚାପି ଦେଇଥିଲେ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ପୋଲିସ ଏହି ଦାବିଗୁଡିକୁ ନିଶ୍ଚିତ କରିନାହିଁ ଏବଂ ତଦନ୍ତ ଜାରି ରହିଛି ।

## ୫ ସନ୍ଦିଗ୍ଧ ଗିରଫ

ଚଣ୍ଡିଗଡ : ପଞ୍ଜାବ ପୋଲିସ ଶନିବାର ଗ୍ୟାଙ୍ଗ୍‌ଷ୍ଟର-ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ କରିବା ସହ ୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗତ ୩ ସପ୍ତାହ ମଧ୍ୟରେ ଏଭଳି ୭ଟି ମଡ୍ୟୁଲ୍ ସମ୍ପର୍କରେ ଜଣାପଡିଛି। ଗିରଫ ବ୍ୟକ୍ତିମାନଙ୍କୁ ପାକିସ୍ତାନ, କାନାଡା ଏବଂ ୟୁରୋପରୁ ସଞ୍ଚାଳିତ ହେଉଥିବା ପରିଚାଳକମାନେ ଟାର୍ଗେଟ୍ କିଲିଂ କାର୍ଯ୍ୟ ଦେଇଥିଲେ। ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା ଯୁବକମାନଙ୍କୁ ହ୍ୟାଣ୍ଡ ଗ୍ରେନେଡ୍ ବ୍ୟବହାର ସମ୍ପର୍କରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏହାର ହ୍ୟାଣ୍ଡଲରମାନଙ୍କ ଜରିଆରେ ୟୁଟ୍ୟୁବ୍ ଭିଡିଓ ସହାୟତାରେ ତାଲିମ ପ୍ରଦାନ କରୁଥିଲା। ଉକ୍ତ ଭିଡିଓଗୁଡ଼ିକୁ ପୋଲିସ ଜବତ କରିଛି। ସେଗୁଡ଼ିକ ଡାଉନ୍‌ଲୋଡ୍ କରାଯାଇ ହ୍ୱାଟ୍ସଆପ୍ ଜରିଆରେ ଶେୟାର କରାଯାଉଥିଲା।

# ମୁମ୍ବାଇ ଧାରାଭିରେ ଭୟଙ୍କର ଅଗ୍ନିକାଣ୍ଡ



ମୁମ୍ବାଇ : ଶନିବାର ଅର୍ଥାତ୍ ଆଜି ଅପରାହ୍ନରେ ମୁମ୍ବାଇର ଧାରାଭି ଅଞ୍ଚଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଯାହା ବ୍ୟାପକ ଆତଙ୍କ ସୃଷ୍ଟି କରିଛି । ରେଳ କ୍ରସିଂ ଏବଂ ନୂର ରେଷ୍ଟୁରାଣ୍ଟ ନିକଟରେ ଥିବା ପ୍ଲଟ୍ ନମ୍ବର ୧ର ନଭରଙ୍ଗ କମ୍ପାଉଣ୍ଡରେ ଥିବା ଏକ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ଅନେକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ।

ସୂଚନାନୁଯାୟୀ, ଅଗ୍ନିକାଣ୍ଡଟି ଭୂମି ପ୍ଲସ ୱାନ ସଂରଚିତ ବସ୍ତି-ଗୋଦାମରେ ହୋଇଥିଲା । ଏହି ସମୟରେ, ନିଆଁ ନିକଟସ୍ଥ ମାହିମ ଷ୍ଟେସନ ଅଞ୍ଚଳକୁ ବ୍ୟାପିଯାଇଥିଲା, ଯେଉଁଠାରେ ଅନେକ କୁଡ଼ିଆ ନିଆଁରେ ପୋଡ଼ି ଯାଇଥିଲା । ଏହି ଅଗ୍ନିକାଣ୍ଡକୁ ସ୍ତର ୧ ଫାୟାର କଲ୍ ବୋଲି ଘୋଷଣା କରାଯାଇଛି । ଏପରି ଘଟଣା ପ୍ରାୟ ୧୨:୧୫ ମିନିଟ୍ ସମୟରେ ହୋଇଥିଲା । ନିଆଁ ଲିଭାଇବା ପାଇଁ ଅନେକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା । ବର୍ତ୍ତମାନ ସାତୋଟି ଦମକଳ ଗାଡ଼ି ଏବଂ ସାତୋଟି ପାଣି ଜେଟି ପୂର୍ଣ୍ଣ କ୍ଷମତା ସହିତ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଅଗ୍ନିକାଣ୍ଡ ଯୋଗୁଁ ହାରବର ଲାଇନରେ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ପ୍ରଭାବିତ ହୋଇଛି । ବିଏମସି ମୁମ୍ବାଇ ଅଗ୍ନିଶମ ବାହିନୀ ସମେତ ପୋଲିସ, ୧୦୮ ଆମ୍ବୁଲାନ୍ସ ଏବଂ ବିଏମସି ୱାର୍ଡ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ସୌଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସି ଆହତ ହୋଇଥିବାର ସୂଚନା ମିଳିନାହିଁ । ଏଥିସହ ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ଅନ୍ୟପଟେ ଅଗ୍ନିକାଣ୍ଡ ଘଟିବା ଯୋଗୁଁ, ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଓଭରହେଡ୍ ଉପକରଣଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି, ପରିସ୍ଥିତି ନିୟନ୍ତ୍ରଣକୁ ନ ଆସିବା ପର୍ଯ୍ୟନ୍ତ ହାରବର ଲାଇନ ଟ୍ରେନ୍ ସେବାକୁ ନିୟନ୍ତ୍ରିତ କରାଯାଇଛି," ପଶ୍ଚିମ ରେଳବାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ।

## ଯାତ୍ରୀଙ୍କ ଅସୁସ୍ଥତା ପାଇଁ କୋଲକାତାରେ ଏୟାର ଇଣ୍ଡିଆ ବିମାନର ଏମରଜେନ୍ସି ଲ୍ୟାଣ୍ଡିଂ




ନୂଆଦିଲ୍ଲୀ : ଭାନକୁଭରରୁ ଦିଲ୍ଲୀ ଯାଉଥିବା ଜଣେ ଯାତ୍ରୀ ବିମାନରେ ହଠାତ୍ ଅସୁସ୍ଥ ହୋଇପଡିଲେ । ତାଙ୍କ ଚିକିତ୍ସା ପାଇଁ ତୁରନ୍ତ କୋଲକାତା ବିମାନବନ୍ଦରରେ ବିମାନ ଲ୍ୟାଣ୍ଡିଂ କରିଥିଲା । ସେଠାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ସୂଚନାନୁଯାୟୀ,ଗତକାଲି ଭାନକୁଭରରୁ କୋଲକାତା ଦେଇ ଦିଲ୍ଲୀ ଯାଉଥିବା ସମୟରେ ଏୟାର ଇଣ୍ଡିଆର ଏକ ବିମାନରେ ଦିଲ୍ଲୀର ଜଣେ ୭୦ ବର୍ଷୀୟ ଯାତ୍ରୀ ଦଲବୀର ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଜରୁରୀକାଳୀନ ଚିକିତ୍ସା ପାଇଁ ତାଙ୍କୁ ରାତି ପ୍ରାୟ ୯:୧୫ ମିନିଟ୍ ସମୟରେ କୋଲକାତା ବିମାନବନ୍ଦରରେ ବିମାନରୁ ଓହ୍ଲାଇ ଦିଆଯାଇଥିଲା । ଅସୁସ୍ଥ ମହିଳା ଜଣଙ୍କୁ ଓହ୍ଲାଇ ଦେବା ପରେ ବିମାନଟି ରାତି ୧୦:୧୦ ମିନିଟ୍ ସମୟରେ ପୁଣି ୧୭୬ ଜଣ ଯାତ୍ରୀଙ୍କୁ ନେଇ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା । ବିମାନରୁ ଓହ୍ଲାଇବା ପରେ, ଦଲବୀର ସିଂଙ୍କୁ ତୁରନ୍ତ ଚାର୍ଣ୍ଣକ୍ ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତରୀ କର୍ମଚାରୀମାନେ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପୋଲିସ ମୃତକଙ୍କ ପରିବାରକୁ ସୂଚନା ଦେଇଛି । ଏଥିସହ ମୃତଦେହ ପୋଷ୍ଟମର୍ଟମ ପାଇଁ ଆରଜି କର ମେଡିକାଲ କଲେଜକୁ ପଠାଯାଇଛି ।

# ନାଇଜେରିଆରେ କାଥୋଲିକ ସ୍କୁଲର ୨୦୦ରୁ ଅଧିକ ଛାତ୍ରଙ୍କୁ ଅପହରଣ



ନୂଆଦିଲ୍ଲୀ : ନାଇଜେରିଆରେ କାଥୋଲିକ ସ୍କୁଲରେ ଆକ୍ରମଣ, ୨୦୦ରୁ ଅଧିକ ଛାତ୍ରଙ୍କୁ ଅପହରଣ। କେନ୍ଦ୍ରୀୟ ନାଇଜେରିଆର ଏକ କ୍ୟାଥୋଲିକ ବୋର୍ଡିଂ ସ୍କୁଲରୁ ୨୦୦ରୁ ଅଧିକ ଛାତ୍ରଙ୍କ ସହ କର୍ମଚାରୀଙ୍କୁ ଅପହରଣ କରିନେଇଛନ୍ତି ବନ୍ଧୁକଧାରୀ। ଆକ୍ରମଣ ପରେ ସ୍ଥାନୀୟ ସୁରକ୍ଷାବାହିନୀ ମୁତୟନ ହୋଇଛନ୍ତି। ଭୋର ସମୟରେ ହୋଇଥିବା ଆକ୍ରମଣରେ ମାଧ୍ୟମିକ ଏବଂ ନିକଟସ୍ଥ ପ୍ରାଥମିକ ସ୍କୁଲକୁ ଟାର୍ଗେଟ କରାଯାଇଥିଲା। ମୋଟ ୫୦ରୁ ଅଧିକ ବିଲ୍ଡିଂ ଥିଲା। ନାଇଜେରିଆର ଖ୍ରୀଷ୍ଟିଆନ ଆସୋସିଏସନ କହିଛି ଯେ ମୋଟ ୨୨୭ ଜଣଙ୍କୁ ଅପହରଣ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୫ ଜଣ ଛାତ୍ର ଏବଂ ୧୨ ଜଣ ଶିକ୍ଷକ ଅଛନ୍ତି। ସୁରକ୍ଷା ଅନୁମତି ବିନା ସ୍କୁଲକୁ ପୁଣି ଖୋଲିବା ପାଇଁ ନାଇଜର ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏହି ଘଟଣାରେ ଜଣେ ସୁରକ୍ଷା କର୍ମୀ ଗୁରୁତର ଆହତ ହୋଇଥିବା କ୍ୟାଥୋଲିକ ଡାୟୋସିସ ରିପୋର୍ଟ କରିଛି। କିଛି ଛାତ୍ର ଖସି ପଳାଇ ଯାଇଥିବା ବେଳେ ଅନେକ ୭ ବର୍ଷର ଛୋଟ ପିଲାଙ୍କୁ ନିକଟସ୍ଥ ବୁଦା ଭିତରକୁ ନିଆଯାଇଥିଲା। ଏହି ଘଟଣା ଉତ୍ତର ନାଇଜେରିଆରେ ବଢୁଥିବା ଅପହରଣକୁ ଦର୍ଶାଉଛି। ସପ୍ତାହ ଆରମ୍ଭରେ ବନ୍ଧୁକଧାରୀ ପଡ଼ୋଶୀ କେବି ରାଜ୍ୟରେ ୨୫ ଜଣ ସ୍କୁଲ ଛାତ୍ରୀଙ୍କୁ ଅପହରଣ କରିଥିଲେ। କ୍ୱାରା ରାଜ୍ୟର ଚର୍ଚ୍ଚ ଉପରେ ଆକ୍ରମଣରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା। ୩୮ ଜଣ ପୂଜାରୀଙ୍କୁ ଅପହରଣ କରାଯାଇଥିଲା। ପ୍ରତି ପୀଡ଼ିତଙ୍କ ପାଇଁ ୧୦୦ ନିୟୁତ ନାଇରା ମୁକ୍ତ ଦାବି କରାଯାଇଥିଲା। ବର୍ଦ୍ଧିତ ହିଂସାକୁ ଦୃଷ୍ଟିରେ ରଖି ନାଇଜେରିଆ ରାଷ୍ଟ୍ରପତି ବୋଲା ଟିନୁବୁ ଏ୨୦ ଶିଖର ସମ୍ମିଳନୀ ଯାତ୍ରାକୁ ବାତିଲ କରିଛନ୍ତି । ୨୦୧୪ ମସିହାରେ ଚିବୋକରେ ଜଣେ ସ୍କୁଲ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ନାଇଜେରିଆରେ ୧୫ଶହରୁ ଅଧିକ ଛାତ୍ରଙ୍କୁ ଅପହରଣ କରାଯାଇଛି।

## ଘରୋଇ ସଂସ୍ଥାର ୫୦ ପ୍ରତିଶତ କର୍ମଚାରୀ ଘରୁ କରିବେ କାମ

ନୂଆଦିଲ୍ଲୀ,୨୨।୧୧: ବଢୁଥିବା ପ୍ରଦୂଷଣ ସ୍ତରର ପ୍ରତିକ୍ରିୟାରେ, ଦିଲ୍ଲୀ ସରକାର, ବାୟୁ ଗୁଣବତ୍ତା ପରିଚାଳନା କମିଶନର ନିର୍ଦ୍ଦେଶ ଅନୁଯାୟୀ, ରାଜଧାନୀରେ ଥିବା ଘରୋଇ କାର୍ଯ୍ୟାଳୟ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛନ୍ତି। ଏହା ଅଧୀନରେ, ଘରୋଇ କମ୍ପାନୀଗୁଡ଼ିକ ଏବେ ସେମାନଙ୍କର ୫୦ ପ୍ରତିଶତ କର୍ମଚାରୀଙ୍କ ସହିତ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ, ଯେତେବେଳେ ଅବଶିଷ୍ଟ କର୍ମଚାରୀ ଘରୁ କାମ କରିପାରିବେ। ପ୍ରଦୂଷଣ ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ଭାବରେ ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ, ଏଜଇଚ ନିୟମାବଳୀର ତୃତୀୟ ପର୍ଯ୍ୟାୟ ଦିଲ୍ଲୀରେ କାର୍ଯ୍ୟକାରୀ ହେଉଛି। ଦିଲ୍ଲୀ ସରକାର କହିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହାର ପ୍ରୟାସର ଅଂଶ ସ୍ୱରୂପ, ବିଭିନ୍ନ ଏଜେନ୍ସି ସହିତ ମିଶି ୨,୦୦୦ ରୁ ଅଧିକ ପ୍ରବର୍ତ୍ତନ କର୍ମଚାରୀ ୨୪/୭ ସ୍ଥଳରେ କାର୍ଯ୍ୟ କରୁଛନ୍ତି।

# ୟୁକ୍ରେନ-ରୁଷ୍ ଯୁଦ୍ଧ: ଆତ୍ମସମର୍ପଣ କରିପାରେ ୟୁକ୍ରେନ



କିବ୍/ମସ୍କୋ: ଯୁଦ୍ଧର ଚତୁର୍ଥ ବର୍ଷରେ ରୁଷ୍ ଓ ୟୁକ୍ରେନ ପରସ୍ପରର ବିଦ୍ୟୁତ୍ ଓ ଗ୍ୟାସ୍ ପ୍ରତିଷ୍ଠାନ ଉପରେ ଅତି ପ୍ରଚଣ୍ଡ ଓ ନିଷ୍ଠୁର ଆକ୍ରମଣ ଜାରି ରଖିଛନ୍ତି। ଏହି 'ଶକ୍ତି ଯୁଦ୍ଧ' କାରଣରୁ ଆସନ୍ତା ଶୀତ ୟୁକ୍ରେନ ପାଇଁ ସବୁଠାରୁ ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ୟୁକ୍ରେନ ଆତ୍ମସମର୍ପଣ ପାଇଁ ବାଧ୍ୟ ହୋଇପାରେ ବୋଲି ଆମେରିକା ଓ ୟୁରୋପର ରଣନୀତିଜ୍ଞମାନେ ମତ ରଖିଛନ୍ତି। ଗତ ବୁଧବାର ରୁଷ୍ ୫୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ବର୍ଷା କରି ୟୁକ୍ରେନର ବିଦ୍ୟୁତ୍ ଗ୍ରିଡ୍‌କୁ ଧ୍ୱଂସ କରିଦେଇଛି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଦେଶର ଅଧିକାଂଶ ଅଞ୍ଚଳରେ ଜରୁରିକାଳୀନ ବ୍ଲାକ୍‌ଆଉଟ୍ ଲାଗୁ ହୋଇଛି। ଅକ୍ଟୋବର ମାସରେ ରୁଷ୍ ? ୬୦% ୟୁକ୍ରେନୀୟ ଗ୍ୟାସ୍ ଉତ୍ପାଦନ କ୍ଷମତା ନଷ୍ଟ କରିଦେଇଥିବା ବେଳେ ଏହି ଧ୍ୱଂସଲୀଳା ଜାରି ରଖିଛି। ଶୀତ ପାଇଁ ୧୩.୨ ବିଲିୟନ ଘନ ମିଟର ଗ୍ୟାସ୍ ମହଜୁଦ କରିବା ପାଇଁ ୟୁକ୍ରେନର ଯୋଜନା ଭଣ୍ଡୁର ହୋଇଯାଇଛି। ଅନ୍ୟପକ୍ଷରେ ଏହାର ପ୍ରତିଶୋଧରେ ୟୁକ୍ରେନ ରୁଷ୍‌ର ତୈଳ ଓ ଗ୍ୟାସ୍ କ୍ଷେତ୍ର ଉପରେ ନିରବଚ୍ଛିନ୍ନ ଆକ୍ରମଣ ଜାରି ରଖିଛି। ଅଗଷ୍ଟରୁ ଏପର୍ଯ୍ୟନ୍ତ ୪୫ଟି ରୁଷୀୟ ତୈଳ ବିଶୋଧନାଗାର ଓ ଡିପୋ ଧ୍ୱଂସ ହୋଇଛି। ୧୪ ନଭେମ୍ବରରେ କୃଷ୍ଣ ସାଗର ବନ୍ଦରରେ ବଡ଼ ଆକ୍ରମଣ ପରେ ରୁଷ୍‌ର ଅଶୋଧିତ ତୈଳ ରପ୍ତାନି କିଛି ଦିନ ବନ୍ଦ ରହିଥିଲା। ରାଷ୍ଟ୍ରପତି ବୋଲଡିମିର ଜେଲେନ୍‌ସ୍କି କହିଛନ୍ତି, 'ରୁଷିଆ ଆମକୁ ଅନ୍ଧାରରେ ରଖିବାକୁ ଚାହୁଁଛି, କିନ୍ତୁ ଆମେ ପ୍ରତ୍ୟୁତ୍ତର ଦେବୁ।' ଶୀତ ମୁକାବିଲା ପାଇଁ ୨ ବିଲିୟନ ୟୁରୋ ଆବଶ୍ୟକ ଥିବା ସେ କହିଛନ୍ତି। ସାମରିକ ବିଶେଷଜ୍ଞମାନେ କହିଛନ୍ତି, ୨୦୨୨ ଆକ୍ରମଣ ପରେ ଏହା ହେବ ସବୁଠାରୁ କଠୋର ଶୀତ। ରାଜଧାନୀ କିବ୍‌ରେ ଦିନକୁ ୮ରୁ ୧୬ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି ଏବଂ ଆଗକୁ ୟୁକ୍ରେନ ରୁଷ୍‌ର ଆକ୍ରମଣ ସମ୍ମୁଖରେ ତିଷ୍ଠି ପାରିବ ନାହିଁ । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ୨୮ ଦଫା ଶାନ୍ତି ଯୋଜନା ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ କରିବାକୁ ୟୁକ୍ରେନ ଉପରେ ଚାପ ବଢ଼ିଛି।

# ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

**ଗୌହାଟୀ, ୨୨।୧୧ (ଏଜେନ୍ସି) :** ଶନିବାର ଠାରୁ ଆରମ୍ଭ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ। ଗୁହାଟୀରେ ଖେଳା ଯାଉଥିବା ଏହି ଟେଷ୍ଟର ପ୍ରଥମ ଦିନରେ ଦୁଇ ଦଳ ମଧ୍ୟରେ ଦେଖିବାକୁ ମିଳିଛି କଡ଼ା ଟକ୍କର। ପ୍ରଥମ କିଛି ଘଣ୍ଟା ଦକ୍ଷିଣ ଆଫ୍ରିକା ନାଁରେ ରହିଥିବା ବେଳେ ପରେ ଭାରତ କମବ୍ୟାକ କରିଥିଲା। ଏହାପରେ ପୁଣି କିଛି ଘଣ୍ଟା ଦକ୍ଷିଣ ଆଫ୍ରିକା ବ୍ୟାଟର ନିଜର ଦବଦବା ଦେଖାଇଥିଲେ। ଶେଷ ଆଡ଼କୁ ଭାରତୀୟ ବୋଲର କମାଲ କରିବା ସହ ୪ ୱିକେଟ ଦଖଲ କରିଥିଲେ। ସେହିପରି ଟେଷ୍ଟ ଇତିହାସରେ କେବେ ଦେଖା ଯାଇ ନଥିବା ଘଟଣା ମଧ୍ୟ ଗୁହାଟୀରେ ଦେଖାଯାଇଛି। ଟେଷ୍ଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଟପ୍ ୪ ବ୍ୟାଟର ୩୫ କିମ୍ବା ତା' ଠାରୁ ଅଧିକ ରନ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଦକ୍ଷିଣ ଆଫ୍ରିକାର ଟପ ୪ ବ୍ୟାଟର ଏଡେନ ମାର୍କରମ ୩୮ ରନ, ରିୟାନ ରିକେଲଟନ ୩୫ ରନ, ଟ୍ରିଷ୍ଟାନ ଷ୍ଟବ୍ସ ୪୯ ରନ ଓ ଅଧିନାୟକ ତେମ୍ବା ବଭୁମା ୪୧ ରନ କରିଛନ୍ତି। ହେଲେ ଅର୍ଦ୍ଧଶତକ ହାସଲ କରିବା ପୂର୍ବରୁ ସମସ୍ତେ ପ୍ୟାଭିଲିୟନ ଫେରି ଯାଇଛନ୍ତି।





ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ୱିକେଟ ହରାଇ ୨୪୭ ରନ କରି ନେଇଛି। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଖାତାକୁ ମଧ୍ୟ ଗୋଟିଏ ସଫଳତା ଯାଇଛି। ଭାରତୀୟ ବୋଲର ଆଜି ୮୧.୫ ଓଭର ବୋଲିଂ କରିଛନ୍ତି। ଖରାପ ଆଲୁଅ ଯୋଗୁ ପ୍ରଥମ ଦିନର ଖେଳକୁ ଅମ୍ପାୟାର ଆଗୁଆ ଶେଷ କରି ଦେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରାନ ମୁଥୁସାମୀ ୨୫ ଓ କାଲେ ଭେରେୟନ୍ନେ ୧ ରନ କରି ଅପରାଜିତ ରହିଛନ୍ତି। ନିୟମିତ ଅଧିନାୟକ ଶୁବମନ ଗିଲଙ୍କ ବିନା ଗୁହାଟୀରେ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଭାରତ ଟସ୍ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ୍ ଜିତି ଋଷଭ ପନ୍ତଙ୍କ ଦଳକୁ ପ୍ରଥମେ ବୋଲିଂ କରିବାକୁ କହିଥିଲେ। ଏହାକୁ ଠିକ ସାବ୍ୟସ୍ତ କରି ଦଳର ଦୁଇ ଓପନର ଏଡେନ ମାର୍କରମ ଓ ରିୟାନ ରିକେଲଟନ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ୨୭ତମ ଓଭର ଯାଏ ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୮୨ ରନରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ଏହି ସମୟରେ ଯଶପ୍ରୀତ ବୁମ୍ରା ୩୮ ରନ କରିଥିବା ମାର୍କରମଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଝଟକା ଦେଇଥିଲେ।

ଏହାପରେ ଚା' ପାନ ବିରତି ହୋଇଥିଲା। ଉ ରପୂର୍ବ ଭାରତରେ ଆଗୁଆ ସୂର୍ଯ୍ୟୋଦୟ କାରଣରୁ ଏହି ଟେଷ୍ଟ ମ୍ୟାଚ୍ ପାରମ୍ପରିକ ସମୟଠାରୁ ଭିନ୍ନ ଢଙ୍ଗରେ ଖେଳା ଯାଉଛି। ପ୍ରତ୍ୟେକ ଦିନ ଖେଳ ଅଧଘଣ୍ଟା ଆଗରୁ ଆରମ୍ଭ ହେବ। ଅର୍ଥାତ ଆଜି ସକାଳ ସକାଳ ୯ରୁ ମ୍ୟାଚ୍ ଆରମ୍ଭ ହୋଇଥିଲା। ଦିନ ୧୧ଟା ଯାଏ ପ୍ରଥମ ଅଧିବେଶନ ଚାଲିଥିଲା। ଏହାପରେ ପାରମ୍ପରିକ ଢଙ୍ଗରେ ମଧ୍ୟାହ୍ନ ଭୋଜନ ବିରତି ବଦଳରେ ୨୦ ମିନିଟ ପାଇଁ ଚା'ପାନ ବ୍ରେକ ହୋଇଥିଲା। ଦ୍ୱିତୀୟ ଅଧିବେଶନର ଖେଳ ୧୧.୨୦ ମିନିଟ୍ରୁ ୧.୨୦ ମିନିଟ ଯାଏ ଚାଲିଥିଲା। ମଧ୍ୟାହ୍ନ ଭୋଜନ ବ୍ରେକ ଅପରାହ୍ନ ୧.୨୦ରୁ ୨.୦୦ ପର୍ଯ୍ୟନ୍ତ ହୋଇଥିଲା। ଚା' ପାନ ବ୍ରେକରୁ ଫେରିବା ପରେ କୁଲଦୀପ ଯାଦବ ୩୫ ରନ କରିଥିବା ରିକେଲଟନଙ୍କୁ ପ୍ୟାଭିଲିାନ ପଠାଇ ଦେଇଥିଲେ। ଏତିକି ବେଳେ ଷ୍ଟବ୍ସ ଓ ବଭୁମା ମ୍ୟାଚ୍କୁ ନିଜ ନିାନ୍ତ୍ରଣକୁ ନେଇଥିଲେ। ଉଭୟ ଧିମା ଗତିରେ ରନ ସଂଗ୍ରହ କରିଥିଲେ ହେଁ ୱିକେଟ ଖସିବାକୁ ଦେଇ ନଥିଲେ। ଅଧିନାୟକ ପନ୍ତ ବାରମ୍ବାର ବୋଲିଂରେ ପରିବର୍ତ୍ତନ କରିଥିଲେ ହେଁ କିଛି ବି କାମ ଦେଇ ନଥିଲା। ଉଭୟ ଦଳୀୟ ସ୍କୋରକୁ ୮୨ରୁ ନେଇ ୧୬୬ ରନରେ ପହଞ୍ଚାଇ ଦେଇଥିଲେ।

ଏତିକି ବେଳେ ଘଟିଥିଲା ବିପର୍ଯ୍ୟୟ। ଅଭିଜ୍ଞ ରବୀନ୍ଦ୍ର ଜାଡେଜା ପ୍ରଥମେ ସେଟ ବଭୁମା(୪୧)ଙ୍କୁ ଯଶସ୍ୱୀ ଜୈସୱାଲଙ୍କ ହାତରେ କ୍ୟାଚ ଆଉଟ କରିଥିଲେ। ଏହାପରେ କୁଲଦୀପ ଯାଦବ ପ୍ରଥମେ ଷ୍ଟବ୍ସ ଓ ପରେ ୧୩ ରନ କରିଥିବା ୱିଆନ ମୁଲଡେରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଦକ୍ଷିଣ ଆଫ୍ରିକା ୨୦୧ ରନରେ ୫ ୱିକେଟ ହରାଇଥିଲା। ୬ଷ୍ଠ ୱିକେଟ ପାଇଁ ଟୋନୀ ଡେ ଜୋର୍ଜୀ ଓ ମୁଥୁସାମୀ ୪୫ ରନ ଯୋଡ଼ି ଥିଲେ। ଇତି ମଧ୍ୟରେ ଭାରତ ନୂଆ। ବଲ ମଧ୍ୟ ୮୦.୨ ଓଭର ପରେ ନେଇଯାଇଥିଲା। ନୂଆ। ବଲରେ କମାଲ କରିଥିଲେ ମହମ୍ମଦ ସିରାଜ। ବେଶ ସତର୍କତାର ସହ ଖେଳୁଥିବା ଜୋର୍ଜୀଙ୍କୁ ସେ ୮୨ତମ ଓଭରରେ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେ ଆଉଟ ହେବାର ଆଉ ୪ଟି ବଲ ପରେ ଦିନର ଖେଳକୁ ଖରାପ ଆଲୁଅ ପାଇଁ ଅମ୍ପାୟାର ବନ୍ଦ କରି ଦେଇଥିଲେ। ତେଣୁ ଭଲ ଲୟରେ ଥିବା ଜୋର୍ଜୀ ୨୮ ରନ କରି ନିରାଶ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ପ୍ରଥମ ଦିନରେ ୬ ୱିକେଟ ହରାଇ ୨୪୭ ରନ କରିଥିବା ଦକ୍ଷିଣ ଆଫ୍ରିକା ଆସନ୍ତାକାଲି ଏହାକୁ ବଡ଼ ସ୍କୋରରେ ପରିଣତ କରିବା ଲକ୍ଷ୍ୟରେ ରହିବ।

## ଡିସେମ୍ବର ୧୯ରେ ରାଜ୍ୟସ୍ତରୀୟ ସତ୍ୟ ସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ୨୨।୧୧ (ମହାଭାରତ) :** ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟ ସାଇ କ୍ରିକେଟ୍ ପଡିଆରେ ଡିସେମ୍ବର ମାସ ୧୯ ତାରିଖରେ ରାଜ୍ୟ ସ୍ତରୀୟ ସତ୍ୟ ସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠି ହେବ। ଏନେଇ ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରୀୟନାଥ ରାଉତଙ୍କ ସଭାପିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ଯାଜପୁର ଇଲେଭେନଷ୍ଟାର ଯାଜପୁର ଟାଉନ, ଏୱାଇପି ପଂଚୁପାଣ୍ଡବ,ବଟ ମଙ୍ଗଳା କ୍ରିକେଟ୍ ଟିମ୍ ଗୋଲକୁଣ୍ଡ,ସତ୍ୟ ସାଇ କ୍ରିକେଟ ଟିମ୍ କାକୁଡିକୁଦ,ଆଦର୍ଶ କ୍ଲବ ବାଲେଶ୍ୱର,ଡିଆରକେ ବାରିପଦା, ଇନ୍ଦୁପୁର କ୍ରିକେଟ୍ କ୍ଲବ କେନ୍ଦ୍ରାପଡା,ୟୁନିକ୍ ଏକାଡେମୀ ଭଦ୍ରକ,ବାପୁଜୀ କ୍ଲବ ଭୁବନେଶ୍ୱର ଓ ସାଇ ଇଲେଭେନ ଭୁବନେଶ୍ୱର ଆଦି ରାଜ୍ୟର ପ୍ରମୁଖ କ୍ରିକେଟ୍ ଟିମ୍ ଯୋଗ ଦେବେ। ଏହି ପ୍ରତିଯୋଗିତା ଡିସେମ୍ବର ୧୯ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ବୈଠକରେ ଆସୋସିଏସନର ସମସ୍ତ କର୍ମକର୍ତା ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା

**ଧର୍ମଶାଳା, ୨୨।୧୧ (ମହାଭାରତ) :** ଯାଜପୁର ଜିଲା ବଡଚଣା ବକଲକ ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୧ କ୍ରୀଡାରେ ୫ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଜନକଲ୍ୟାଣ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାସୁଦେବ ଜେନା ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କ୍ରୀଡା ଶିକ୍ଷକ ଶମ୍ଭୁନାଥ ଦାସ ଓ ସାମ୍ବାଦିକ ସମରେନ୍ଦ୍ର ମାହାଲା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନଗୋବିନ୍ଦ ପ୍ରଧାନ,ଗୀତାରାଣୀ ଜେନା,ମିନାକ୍ଷୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓମ୍ ପ୍ରକାଶ ରାଣା,ସମୀକ୍ଷା ରାଣୀ ବଳ କ୍ରୀଡା ଚୟନରେ ଉତିର୍ଣ୍ଣ ହୋଇଥିବା ବେଳେ ଶିଶୁ ବର୍ଗରେ ଶୁଭମ୍ ସୋରେନ ଓ ଲକ୍ଷ୍ମୀ ହାଂସଦା ଉତିର୍ଣ୍ଣ ହୋଇଥିଲେ। ବିଦ୍ୟାଳୟର ସଭାପତି ରବିନ୍ଦ୍ର ମହାନ୍ତି,ସମ୍ପାଦକ ସୌମ୍ୟ ପ୍ରକାଶ ଦାସ,ସହ ସମ୍ପାଦକ ରଶ୍ମିତା ସେଠୀ,ମଧୁସ୍ମିତା ରାଣା,କୋଷାଧକ୍ଷ ରଂଜନ କୁମାର ଜେନା,ଅଜୟ କୁମାର ଜେନା, ଓ ସୁପ୍ରୀୟା ସାହୁ ପ୍ରମୁଖ ଯୋଗ ଦେବା ସହ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦୁଇ ଦିନରେ ପ୍ରଥମ ଆଶେସ ଶେଷ : ବାଜି ମାରିନେଲା ଅଷ୍ଟ୍ରେଲିଆ

**ପର୍ଥ, ୨୨।୧୧ (ଏଜେନ୍ସି):** ଗୋଟିଏ ଅପ୍ରତ୍ୟାଶିତ ଘଟଣାକ୍ରମରେ ଆଶେସ ସିରିଜର ପ୍ରଥମ ଟେଷ୍ଟ ମାତ୍ର ୨ ଦିନରେ ଶେଷ ହୋଇ ଯାଇଛି। ଆଶେସ ସିରିଜର କୌଣସି ମ୍ୟାଚ୍ ଦୁଇ ଦିନରେ ଶେଷ ହେବା ବିରଳ ଘଟଣା। ପ୍ରଥମ ଦିନର ୱିକେଟ ବର୍ଷା ପରେ ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ଦେଖାଇଛି ତା'ର ଦବଦବା। ୮ ୱିକେଟରେ ଇଂଲଣ୍ଡକୁ ହରାଇ ଆଶେସ ସିରିଜରେ ୧-୦ରେ ଆଗୁଆ ହୋଇଛି ଘରୋଇ ଅଷ୍ଟ୍ରେଲିଆ। ପ୍ରଥମ ଦିନରେ ୧୯ ୱିକେଟର ପତନ ପରେ ଆଜି ପର୍ଥରେ ଆଉ ୧୩ ୱିକେଟ ଯାଇଛି। କିନ୍ତୁ ୱିକେଟର ଝଡ଼ ଭିତରେ ଟ୍ରାଭିସ ହେଡ୍ ଖେଳିଛନ୍ତି ବିସ୍ଫୋରକ ଶତକୀୟ ଇନିଂସ। ସେ ବିସ୍ଫୋରକ ୧୨୩ ରନର ଇନିଂସ ଖେଳି ଅଷ୍ଟ୍ରେଲିଆକୁ ୮ ୱିକେଟର ବିଜୟ ଭେଟି ଦେଇଛନ୍ତି। ଅଷ୍ଟ୍ରେଲିଆ ମ୍ୟାଚ୍ ଜିତିବାକୁ ୨୦୫ ରନର ଆବଶ୍ୟକ କରୁଥିବା ବେଳେ ହେଡ୍ଙ୍କ ବିସ୍ଫୋରଣ ଯୋଗୁ ମାତ୍ର ୨୮.୨ ଓଭରରେ ଏହାକୁ ହାସଲ କରି ନେଇଛି। ହେଡଙ୍କ ବ୍ୟାଟରୁ ବାହାରିଛି ଆଶେସ ଟେଷ୍ଟ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ। ସେ ମାତ୍ର ୬୯ ବଲରେ ଶତକ ହାସଲ କରିଛନ୍ତି।

ଆଶେସ ଟେଷ୍ଟରେ ଦ୍ରୁତତମ ଶତ ରେକର୍ଡ ଆଡାମ ଗିଲକ୍ରୀଷ୍ଟଙ୍କ ନାଁରେ ରହିଛି। ସେ ୨୦୦୬-୦୭ ଆଶେସରେ ମାତ୍ର ୫୭ ବଲରେ ଶତକ ହାସଲ କରିଥିଲେ। ଆଜି ହେଡ ୬୯ ବଲରେ ଶତକ ମାରିଛନ୍ତି।






ଏହାପରେ ହେଡ୍ ୧୨୩ ରନର ଇନିଂସ ଖେଳି ଆଉଟ ହୋଇଥିଲେ। କିନ୍ତୁ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ୍ ଜିତିବା ଏକପ୍ରକାରର ନିଶ୍ଚିତ କରି ଦେଇଥିଲେ। ୮୩ ବଲରେ ହେଡ ୧୨୩ ରନ କରିଛନ୍ତି। ଏହି ଇନିଂସରେ ସେ ୧୬ଟି ଚୌକା ଓ ୪ଟି ବିଶାଳ ଛକା ମାରିଛନ୍ତି। ହେଡଙ୍କ ବ୍ୟତୀତ ମାର୍ନସ ଲାବୁଶେନ ୫୧ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ଏହି ଦୁଇ ଜଣଙ୍କ ବ୍ୟତୀତ ଡେବ୍ୟୁଟା ଜ୍ୟାକ ୱେଦରଲାଡ ୨୩ ଓ ଅଧିନାୟକ ଷ୍ଟିଭ ସ୍ମିଥ ଅପରାଜିତ ୨ ରନ ଖେଳିଛନ୍ତି।

ପ୍ରଥମ ଇନିଂସରେ ମିଚେଲ ଷ୍ଟାର୍କଙ୍କ ଘାତକ ୭ ୱିକେଟ ଦଖଲ ଯୋଗୁ ଇଂଲଣ୍ଡ ମାତ୍ର ୧୭୨ ରନରେ ଅଲଆଉଟ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ମଧ୍ୟ ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେନ ଷ୍ଟୋକ୍ସଙ୍କ ୫, ବ୍ରାୟଡନ କାର୍ସେଙ୍କ ୩ ଓ ଜୋଫ୍ରା ଆର୍ଚରଙ୍କ ୨ ୱିକେଟ ସଫଳତା ଯୋଗୁ ୧୩୨ ରନରେ ଅଲଆଉଟ ହୋଇ ଯାଇଥିଲା।

ଘରୋଇ ପରିବେଶରେ ଦଳ ପ୍ରଥମ ଦିନରେ ୯ ୱିକେଟ ହରାଇ ୧୨୩ ରନ କରିଥିଲା। ପ୍ରଥମ ଦିନର ଖେଳ ଶେଷ ବେଳକୁ ଅପରାଜିତ ଥିବା ଡେବ୍ୟୁଟା ବ୍ରେଣ୍ଡନ ଡୋଗେଟ୍ଟ (୦) ଓ ନାଥନ ଲାୟନ (୩) ଆଜି ବେଶୀ କିଛି କରି ପାରି ନଥିଲେ। ଅଷ୍ଟ୍ରେଲିଆ ଇନିଂସ ୧୩୨ରେ ଅଟକି ଯାଇଥିଲା।

ପ୍ରଥମ ଇନିଂସରେ ଇଂଲଣ୍ଡକୁ ଗୁରୁତ୍ୱପୂର୍ଣ୍ଣ ୪୦ ରନର ଲିଡ ପାଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ପ୍ରଥମ ଓଭରରେ ଜ୍ୟାକ କ୍ରଉଲୀ (୦)ଙ୍କୁ ହରାଇଥିଲେ ହେଁ ବେନ ଡକେଟ (୨୮) ଓ ଓଲି ପପ (୩୩) ଲଢେ଼ କରିଥିଲେ। କିନ୍ତୁ ସ୍କଟ ବୋଲାଣ୍ଡ ଉଭୟଙ୍କୁ ଆଉଟ କରିବା ପରେ ତାସର ଘର ଭଳି ଷ୍ଟାର୍କ ଇଂଲଣ୍ଡ ଇନିଂସକୁ ଛିନଛତ୍ର କରି ଦେଇଥିଲେ। ତାଙ୍କୁ ବୋଲାଣ୍ଡ ମଧ୍ୟ ସହଯୋଗ କରିଥିଲେ।

ଜୋ ରୁଟ (୮), ହ୍ୟାରୀ ବ୍ରୁକ(୦), ବେନ ଷ୍ଟୋକ୍ସ (୨), ଜେମି ସ୍ମିଥ (୧୫) ରନ କରିବାକୁ ସକ୍ଷମ ହୋଇଥିଲେ। ବ୍ରାୟଡନ କାର୍ସେ ୩୭ ରନ ଓ ଗସ ଅଟକିନସନ ୨୦ ରନ କରିବାକୁ ଇଂଲଣ୍ଡର ସ୍କୋର ୧୫୦ ଅତିକ୍ରମ କରିଥିଲା। କିନ୍ତୁ ଦଳ ୧୬୪ ରନରେ ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆକୁ ମ୍ୟାଚ୍ ଜିତିବା ପାଇଁ ମିଳିଥିଲା ୨୦୫ ରନର ଟାର୍ଗେଟ।

ଦ୍ୱିତୀୟ ଇନିଂସରେ ଷ୍ଟାର୍କ ୩ଟି ୱିକେଟ ନେଇଥିବା ବେଳେ ବୋଲାଣ୍ଡ ୫ଟି ଓ ଡେବ୍ୟୁଟା ବ୍ରେଣ୍ଡନ ଡୋଗେଟ୍ଟ ୨ଟି ସଫଳତା ପାଇଛନ୍ତି।

ଚା' ପାନ ବିରତୀ ପରେ ଅଷ୍ଟ୍ରେଲିଆ ଚେଜ ଆରମ୍ଭ କରିଥିଲା। ଦଳର ନିୟମିତ ଉସମାନ ଖ୍ୱାଜା ଆହତ ହୋଇଥିବାରୁ ହେଡ ଓ ୱେଦରଲାଡ ଇନଂସ ଆରମ୍ଭ କରିଥିଲେ। ପ୍ରଥମ ଇନିଂସରେ ଲାବୁଶେନ ଓପନ କରିଥିଲେ ହେଁ ଏହା ଫଳପ୍ରଦ ହୋଇ ନଥିଲା। ତେଣୁ ହେଡ୍ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ।

ଏହା ଦଳକୁ ଜବରଦସ୍ତ ଫାଇଦା ଦେଇଥିଲା। ସେ ଆରମ୍ଭରୁ ଆଟାକିଂ ଶଟ ମାରି ଇଂଲଣ୍ଡ ବୋଲରଙ୍କୁ ସେଟ ହେବାକୁ ଦେଇ ନଥିଲେ। ତେବେ ୱେଦରଲାଡ ୨୩ ରନ କରି କାର୍ସେଙ୍କ ବଲରେ ଆଉଟ ହୋଇଯାଇଥିଲେ। ଏହାପରେ ହେଡ ଓ ଲାବୁଶେନ ଦଳୀୟ ସ୍କୋରକୁ ୯୨ରୁ ନେଇ ୧୯୨ରେ ପହଞ୍ଚାଇ ଦେଇଥିଲେ। ଏହା ମଧ୍ୟରେ ହେଡଙ୍କ ବ୍ୟାଟରୁ ଅନେକ ବଡ଼ବଡ଼ ଶଟ ଦେଖିବାକୁ ମିଳିଥିଲା।

୨୦୧୭ ପରେ ଅଷ୍ଟ୍ରେଲିଆ ଓପନର ଭାବେ ହେଡଙ୍କ ବ୍ୟାଟରୁ ଆଶେସର କୌଣସି ମ୍ୟାଚରେ ଶତକ ଦେଖିବାକୁ ମିଳିଥିଲା। ୨୦୧୭ରେ ଡାଭିଡ ୱାର୍ଣ୍ଣର ଶତକ ମାରିଥିଲେ। ହେଲେ କାମଚଳା ଓପନର ଭାବେ ହେଡ ଦମଦାର ଶତକ ହାସଲ କରିଛନ୍ତି। ସେ କେବଳ ଶତକ ହାସଲ କରି ନାହାନ୍ତି, ବରଂ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଛନ୍ତି। ତେବେ ମ୍ୟାଚରେ ୧୦ ୱିକେଟ (ପ୍ରଥମ ଇନିଂସରେ ୭ ଓ ଦ୍ୱିତୀୟ ଇନିଂସରେ ୩) ନେଇଥିବା ଷ୍ଟାର୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

## ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସୁଆଙ୍ଗ ଓ ମେଣ୍ଢାଶାଳ ବିଜୟୀ

**ଖୋର୍ଦ୍ଧା, ୨୨।୧୧ (ମହାଭାରତ) :** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦର କୁ ୯ ୱିକେଟରେ ପରାସ୍ତ କରିଛି । କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ ଟି ୱିକେଟ ହାସଲ କରିଥିଲେ।ଜବାବ ରେ ସୁଆଙ୍ଗ ଦଳ ୪ ଓଭର ରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥା ଙ୍କୁ ସମାଜସେବୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଭାଳିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୪ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲେ।




ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୯ ଓଭର ରେ ୪ ୱିକେଟ ହରାଇ ୧୯୬ରନ କରି ୬ୱିକେଟ ରେ ବିଜୟ ହାସଲ କରି ନେଇଥିଲେ।ଦଳ ପକ୍ଷରୁ ଆଇ ଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସରୋଜ ବରାଳ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ରବିବାର ପ୍ରଥମ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ଏବଂ ଦ୍ୱିତୀୟ ମ୍ୟାଚ କଟକ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ସୁଚନା ଦେଇଛନ୍ତି।

## ୧୭ ବର୍ଷରୁ କମ ବାଳକ ବିଭାଗ ବିଭାଗର କ୍ରିକେଟ ପ୍ରତିଯୋଗିତା

**କେନ୍ଦୁଝର, ୨୨।୧୧ (ମହାଭାରତ) :** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ସ୍ଥିତ ବଳରାମ ଧୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘସିପୁରା ମଣ୍ଡଳ ସ୍ତରୀୟ ୧୭ ବର୍ଷରୁ କମ ବାଳକ ବିଭାଗ ବିଭାଗର କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ଦେବବ୍ରତ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଆନୁଷ୍ଠାନି ଭାବେ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ କ୍ର ବେ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ, ପ୍ରଭାସିନୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନାରାୟଣ ଦାସ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ଅତୀଶ କୁମାର ଜେନା, ଶୁଭ୍ର ଜ୍ୟୋତି ଧୀର, ବିଶ୍ୱଜିତ ଖୁଣ୍ଟିଆ,ଲ ଥା,ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା, ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ। ଅଳତୀ, ସାଇଁକୁଳ, ବଳରାମପୁର ଓ ପୁର ଓ କୁଶଳେଶ୍ୱର ଜୋନରୁ ସତୁରି ଜଣ ପ୍ରତିଯୋଗୀ ଭାଗନେଇଥିଲେ। କ୍ରୀଡା ଶିକ୍ଷକ ସୁରେଶ କୁମାର ଭୂୟାଁ ଙ୍କ ତତ୍ତ୍ୱାବଧାନରେ ପ୍ରକାଶ ବିଶ୍ୱାଳ, ବରଦା ପ୍ରସନ୍ନ ଖୁଣ୍ଟିଆ, ମିନହରୀ ପେରେଇ, ରାଜେଶ ଘଡେଇ, ବିଭୁ ପ୍ରସାଦ ମହାନ୍ତି, ପ୍ରତ୍ୟୁଷ ମହାନ୍ତି ବିଚାରକ ଭାବେ ଯୋଗ ଦେଇ ଥିଲେ। ଉମାଶଙ୍କର ରାଉତରାୟ, ରଞ୍ଜନ ବେହେରା, ଶୁଚିସ୍ମିତା ମହାନ୍ତି ଓ ଧର୍ମପ୍ରିୟା ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଜଜାଙ୍ଗ ପଡିଆରେ ସାଂସଦ କ୍ରୀଡା ମହୋତ୍ସବ

**କେନ୍ଦ୍ରାପଡା, ୨୨।୧୧ (ମହାଭାରତ) :** ପିଏମଶ୍ରୀ କପାଳେଶ୍ୱର୍ ପଂଚାୟତ ଅଧୀନ ରେ ଥିବା ବିଦ୍ୟାଳୟର ଜୋନ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଉଦଘାଟନ ହେଇଯାଇଛି ଙ୍କ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ , କେନ୍ଦ୍ରାପଡ଼ା ବିଧାନ ସଭା ନେତ୍ରୀ ଗୀତାଞ୍ଜଳି ସେଠୀ,ଜୋନ ୮ ର ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀ,ଗଗନ ସାହୁ ,କପଳେଶ୍ୱର୍ ସରପଂଚ ଙ୍କ ଉପସ୍ଥିତି ଓ ବିଦ୍ୟାଳୟର ଶିକ୍ଷକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ ଙ୍କ ଦୁଇଦିନ ଧରି ଚାଲିବାକୁ ଥିବା ଏଇ କ୍ରୀଡାରେ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିବାକୁ ପଂଚାୟତରୁ ସ୍କୁଲ ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଙ୍କ ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ମାନ୍ୟବର ସାଂସଦଙ୍କ ଅଧୀନରେ ହେଉଥିବା ସାଂସଦ ଖେଳର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ କିପରି ଭାରତର ଯୁବଶକ୍ତିକୁ ସୁସ୍ଥ ଓ ଫିଟ କରିପାରିବ ଓ ସୁସ୍ଥ ଶରୀର କିପରି ବିକଶିତ ଭାରତ ଗଠନରେ ସହାୟକ ହେବ ତାହା ଅତିଥିମାନେ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ ଙ୍କ ପ୍ରତିଯୋଗିତା ମନୋଭାବ ନନେଇ ବା ଜିତିବାର ଆଶା ନରଖି ଖେଳ କିପରି ନିଜ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ ସେମିତି ବିଷୟରେ ମତ ଦେଇଥିଲେ ଙ୍କ ଦୁଇଦିନ ଧରି ଚାଲିବାକୁ ଥିବା କ୍ରୀଡା ମହୋତ୍ସବରେ କବାଡି, ଭଲିବଲ, ୧୦୦ମିଟର ରେସ, ୪୦୦ମିଟର ରେସ,ଲଙ୍ଗ ଜମ୍ପ, ହାଇ ଜମ୍ପ, ରିଲେ ରେସ, ସଟ ଦ ଫୁଟ ଖେଳରେ ପିଲାମାନେ ତାଙ୍କ କ୍ରୀଡା ନୈପୂଣ୍ୟ ପ୍ରଦର୍ଶନ କରିଥିଲେ ଙ୍କ ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ଙ୍କ ଜୋନରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ ଙ୍କ ଏହି କାର୍ଯ୍ୟକ୍ରମ ରେ ଅଂଶୁମାନ ଦାସ, ପ୍ରଭାତ ସ୍ୱାଇଁ, ମନୋରଞ୍ଜନ ସାମଲ,ଶୁ ଭେନ୍ଦୁ ଜେନା, ପୁରୁଷୋତ୍ତମ ଦାସ, କୁମାର ସତ୍ୟଜିତ, ନିରଞ୍ଜନ ବାରିକ, ଜଗବନ୍ଧୁ ପ୍ରଧାନ, ଆଦିତ୍ୟ ଲେଙ୍କା, ନଳିନୀକାନ୍ତ ଜେନା ସ୍ୱରାଜ ମଲ୍ଲିକ, ରବୀନ୍ଦ୍ର ବାରିକ ଯୋଗ ଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ